ଧରିତ୍ରୀ
DHARITRI
April 3-9, 2022 ₹ 2/-

ଛୁଟିଦିନ



୩
ପ୍ରଚ୍ଛଦ ପ୍ରସଙ୍ଗ

# ସହରୀ ପାର୍କ ଏବେ ଗାଁରେ

ଏବେ ଆଉ କେବଳ ସହରୀ ଲୋକଙ୍କ ଅବସର କାଟିବାର ମାଧ୍ୟମ ହୋଇନାହିଁ ପାର୍କ। କାରଣ ଏବେ ଅନେକ ଗାଁରେ ବି ତିଆରି ହେଲାଣି ସହରୀ ପାର୍କ..



# କେତୋଟି ଜରୁରୀ ଜାଣିବା କଥା

*ଠାକୁରଙ୍କୁ ପୂଜା କରିବା ସମୟରେ ସକାଳେ ହେଉ ଅବା ସନ୍ଧ୍ୟାରେ ଥରୁଟିଏ ହେଉ ନା କାହିଁକି ଠାକୁରଙ୍କ ପାଖେ ଝୁଣା ଧୂପ କିମ୍ବା କର୍ପୁର ଆଳତି କଲେ ପ୍ରଭୁକୃପା ମିଳିଥାଏ।

*ଖାଦ୍ୟ ଥାଳି ପାଖରେ ଯେଉଁ ଲୁଣ ଦିଆଯାଇଥାଏ, ତାହାକୁ କେବେ ବି ତଳେ ପକାଇବେ ନାହିଁ କିମ୍ବା ହାତରେ ଲାଗିଥିବା ଲୁଣକୁ ଲୁଗାରେ ପୋଛିବେ ନାହିଁ, ବରଂ ତାହାକୁ ପାଣିରେ ଧୋଇଦେବେ। ଲୁଣକୁ ତଳେ ପକାଇଲେ କିମ୍ବା ଲୁଗାରେ ପୋଛିଲେ କରଜ ବଢିଥାଏ ବୋଲି କୁହାଯାଏ।

*ଶୋଇକି ଉଠିବା ପରେ ଅସଜଡ଼ା ଶେଯକୁ ଟିକେ ସଜାଡ଼ି ଦେବା ଭଲ, ନଚେତ୍ ଶନି ଦେବତାଙ୍କର କୁ-ଦୃଷ୍ଟି



ସୁଖଶାନ୍ତି ଉପରେ ପଡିଥାଏ ବୋଲି ବିଶ୍ୱାସ କରାଯାଏ।

*ଘରେ ଯଦି ସ୍ୱର୍ଗତ ପିତୃପୁରୁଷଙ୍କ ଫଟୋ ଲଗାଉଥାନ୍ତି, ତା'ହେଲେ ଉତ୍ତର ଦିଗର କାନ୍ଥରେ ଲଗାନ୍ତୁ, ଫଳରେ ତାଙ୍କ ମୁଖ ଦକ୍ଷିଣ ଦିଗ ଆଡକୁ ରହିବ; ଯଦ୍ୱାରା ଘରେ ସୁଖଶାନ୍ତି ବୃଦ୍ଧି ହେବ। ଆବଶ୍ୟକ ହେଲେ ତାଙ୍କ ଫଟୋକୁ ପୂର୍ବ ଦିଗର କାନ୍ଥରେ ଲଗାଇପାରିବେ, କିନ୍ତୁ କେବେ ବି ଦକ୍ଷିଣ-ପଶ୍ଚିମ ଦିଗର କାନ୍ଥରେ ଲଗାଇବେ ନାହିଁ।

*ଟଙ୍କା ପଇସା ରଖୁଥିବା ଆଲମାରୀର ମୁହଁ କେବେ ବି ଦକ୍ଷିଣ ମୁହାଁ କରି ରଖନ୍ତୁ ନାହିଁ। କାରଣ ଏହାଦ୍ୱାରା ପରିବାରରେ କାହାରି ନା କାହାରି ଦେହ ଖରାପ ହେଉଥିବ ଆଉ ସେହିଥିରେ ହିଁ ପଇସା ସବୁ ଖର୍ଚ୍ଚ ହୋଇଯିବ।

*କୁହାଯାଏ, ଶ୍ରୀଯନ୍ତ୍ର କିମ୍ବା ନାଲି କପଡ଼ାରେ ଗୁଡ଼ା ହୋଇଥିବା ନଡିଆ ଠାକୁରଘରେ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କ ପାଖରେ ରଖିଲେ ଘରର ମଙ୍ଗଳ ହୋଇଥାଏ।

*ଘରେ ବ୍ୟବହୃତ ହେଉଥିବା ଯେ କୌଣସି ପାଣି ଟ୍ୟାପ୍‌କୁ ବନ୍ଦ କରିବା ସତ୍ତ୍ୱେ ବି ଯଦି ସେଥିରୁ ପାଣି ଝରୁଥାଏ, ତା'ହେଲେ ଘରେ ଅଭାବ ଅନଟନ ଦେଖାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୩-୯

**ମେଷ**: ଅବହେଳାରୁ କର୍ମହାନି, ସୁସ୍ଥ ମାନସିକତାର ଅଭାବ, ନିଅଣ୍ଟିଆ ଆର୍ଥିକ ପରିସ୍ଥିତି, ନିଜ ଲୋକମାନଙ୍କ ବିରୋଧ, ବନ୍ଧୁଙ୍କ ସାହାଯ୍ୟ, ଲେଖାପଢାରେ କୁଶଳ, ବ୍ୟବସାୟିକ ଉନ୍ନତି, ଦୂରଯାତ୍ରାର ପ୍ରସ୍ତୁତି, ଶୁଭଖବର ପାଇବେ।

**ବୃଷ**: ଶାରୀରିକ ସୁସ୍ଥତା, ବିବାଦୀୟ ପରିସ୍ଥିତି, ଲକ୍ଷ୍ୟପ୍ରାପ୍ତିରେ ପ୍ରତିବନ୍ଧକ, ଆର୍ଥିକ ପ୍ରଗତି, ଗୃହ କ୍ରୟ ଆଲୋଚନା, ବ୍ୟବସାୟିକ ଉତ୍କର୍ଷ, ସରକାରୀ ସହାୟତା, ପରୀକ୍ଷାରେ ସଫଳତା, ପ୍ରଶାସନିକ ତତ୍ପରତା।

**ମିଥୁନ**: କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଚାପ ବଢିବ, ପ୍ରତିକୂଳ ପରିସ୍ଥିତି, ସଭା ସମିତିକୁ ନିମନ୍ତ୍ରଣ, ନିର୍ମାଣରେ ସମସ୍ୟା, ପରିବହନରୁ ଲାଭ, ନୂତନସମ୍ପର୍କ ସୃଷ୍ଟି, କଚେରୀ ମାମଲାରେ ବିଜୟ, ପ୍ରକାଶନରେ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ।

**କର୍କଟ**: ପରିସ୍ଥିତି ବଦଳିଯିବ, ନିୟନ୍ତ୍ରଣ ହରାଇପାରନ୍ତି, କ୍ରନିକ ରୋଗରେ ପୀଡାବୃଦ୍ଧି, ଶିଳ୍ପବାଣିଜ୍ୟର ନବୀକରଣ, ସହକର୍ମୀଙ୍କ କ୍ରୋଧ, ସାମାଜିକ ସମ୍ମାନ, ରାଜନୈତିକ ବିବାଦ, ଆନୁଷ୍ଠାନିକ କର୍ମାରମ୍ଭ, ବନ୍ଧୁଙ୍କ ଆତ୍ମୀୟତା।

**ସିଂହ**: ପରିବାରରେ ବ୍ୟତିକ୍ରମ, ନିର୍ଣ୍ଣାୟକ ସିଦ୍ଧାନ୍ତ, କର୍ମକ୍ଷେତ୍ରରେ ପ୍ରଶଂସା, ସ୍ୱାସ୍ଥ୍ୟଗତ ସମସ୍ୟା। ମନ ଭଲ ରହିନପାରେ, ଭୁଲ୍ ବୁଝାମଣାରୁ ବିବାଦ, ସହକର୍ମୀଙ୍କ ସହ ଆଲୋଚନା, ସମସ୍ୟାର ସମାଧାନ, ମକଦ୍ଦମାର ଫଇସଲା।

**କନ୍ୟା**: ବିଳମ୍ବରେ କାର୍ଯ୍ୟସାଧନ, କଚେରୀ ମାମଲାରେ ବାଇଦା, ଶାରୀରିକ ଅସୁସ୍ଥତା। ଯାନ୍ତ୍ରିକ ଜିନିଷକ୍ରୟ, ଆର୍ଥିକ ଅବନତି, କର୍ମ କ୍ଷେତ୍ରରେ ପ୍ରତିବନ୍ଧକ, ବ୍ୟବସାୟରେ ଉନ୍ନତି, ଧାର୍ମିକ କାର୍ଯ୍ୟର ପ୍ରସ୍ତୁତି।

**ତୁଳା**: ମାନସିକ ଅଶାନ୍ତି, ଆଇନ ସହାୟତା ପାଇବେ, ପ୍ରକାଶନରେ ବିଳମ୍ବ, ଏଜେନ୍ସିପ୍‌ର ପ୍ରସାର, ନିର୍ମାଣ କ୍ଷେତ୍ରରେ ସଫଳତା, ଚୁକ୍ତିପତ୍ର ସମ୍ପାଦନ, ସଭାସମିତିକୁ ଆହ୍ୱାନ, କଳାକ୍ଷେତ୍ରରୁ ସମ୍ମାନ, ଅପ୍ରିୟସତ୍ୟ, ଭାଷଣରୁ ବିବାଦ।

**ବିଛା**: ଅଭାବ ଲାଗି ରହିବ, ଅତୀତ ସମସ୍ୟା ବଢିଯିବ, ପାରିବାରିକ ଜୀବନରେ ମତାନ୍ତର, ଶେୟାର୍ ବଜାରରେ ଉନ୍ନତି, ପରିବହନରେ ବ୍ୟୟ ବୃଦ୍ଧିରୁ ଦୁଃଶ୍ଚିନ୍ତା, ରହସ୍ୟଜନକ କର୍ମରେ ପ୍ରବେଶ, ଅଭିଳାଷ ପୂରଣ ହେବ।

**ଧନୁ**: ସୁସ୍ଥଜୀବନ ଚର୍ଯ୍ୟା, ସ୍ୱାସ୍ଥ୍ୟଭଲ ରହିବ, ପରିବାରରେ ସୁ-ବୁଝାମଣା, ଅଶାନ୍ତ ବାତାବରଣ ଦୂର ହେବ, କର୍ମକ୍ଷେତ୍ରରେ ସମ୍ମାନ, ଗୁରୁ ଦାୟିତ୍ୱ ନେବେ, ସଭାସମିତିରେ ବିତର୍କ, ସୁସମ୍ପର୍କ ବ୍ୟାହତ, ସରକାରୀ ସହାୟତା, ବିଦେଶଯାତ୍ରାର ସୁଯୋଗ।


**ମକର**: ସହକର୍ମୀଙ୍କ ସାହାଯ୍ୟ, ସ୍ଥଗିତକାର୍ଯ୍ୟ ତ୍ୱରାନ୍ୱିତ ହେବ, ପାରିବାରିକ ସମସ୍ୟା ଦୂର ହେବ, ସ୍ୱାସ୍ଥ୍ୟରେ ଉନ୍ନତି। ଆତ୍ମୀୟଙ୍କ ସହାନୁଭୂତି, ବୈରାଗ୍ୟଭାବ ସୃଷ୍ଟି, ବ୍ୟବସାୟରେ ବ୍ୟସ୍ତତା, ରାଜନୀତିରେ ଯଶ ପ୍ରତିଷ୍ଠା।

**କୁମ୍ଭ**: ପ୍ରତିବନ୍ଧକ ଦୂରହେବ, ପ୍ରତିଯୋଗୀତାରେ ସଫଳତା, ବୈଷୟିକ ଅଭିବୃଦ୍ଧି, ଜମିଜମା କ୍ରୟ ବିକ୍ରୟ, ପରିବହନରେ ସମସ୍ୟା, ନିର୍ମାଣ କ୍ଷେତ୍ରରେ ଦ୍ୱନ୍ଦ୍ୱ, ସନ୍ତାନହେତୁକ ଗୌରବ, କରଜଦାତାଙ୍କ ଚାପ, ବିବାଦର ସମାଧାନ।

**ମୀନ**: ଅନୁକୂଳ ପରିସ୍ଥିତି, କର୍ମକ୍ଷେତ୍ରରେ ସୁନାମ, ଅର୍ଥସଂକଟ ଦୂରହେବ, ଭ୍ରାତୃ ସମ୍ପର୍କରେ ଉନ୍ନତି, ଯାନବାହନ କ୍ରୟ, ସାହିତ୍ୟାନୁରାଗ, ସଙ୍ଗୀତ ସାଧନାରେ ରୁଚି, ସାଂସ୍କୃତିକ କାର୍ଯ୍ୟାରମ୍ଭ, ଯାତ୍ରାରେ ହଇଗୋଳ, ମିତ୍ରବନ୍ଧୁରେ ମନାନ୍ତର।

# ସ୍ୱାସ୍ଥ୍ୟପ୍ରଦ ଅଙ୍ଗୁର

ଅଙ୍ଗୁର ଖାଇବା ଅନେକଙ୍କର ପ୍ରିୟ। ବିଶେଷକରି ଖରାଦିନେ ଏହାକୁ ଖାଇଲେ ଆମ ଶରୀରକୁ ଅନେକ ଉପକାର ମିଳିଥାଏ। କାରଣ ଏଥିରେ ଭରିଥାଏ କାର୍ବୋହାଇଡ୍ରେଟ୍, ଡାଇଟାରି ଫାଇବର୍, ପ୍ରୋଟିନ୍, ଭିଟାମିନ୍ ଏ, ଭିଟାମିନ୍ ବି କମ୍ପ୍ଲେକ୍ସ, ଭିଟାମିନ୍ ସି, ଭିଟାମିନ୍ କେ, କାଲସିୟମ୍, ଆଇରନ୍, ମାଗନେସିୟମ୍, ପୋଟାସିୟମ୍, ସୋଡିୟମ୍ ଭଳି ଅନେକ ଉପକାରୀ ପୋଷକ ତତ୍ତ୍ୱ। ଅଙ୍ଗୁର ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ବୋଲି ଅନେକ ମତ ଦେଇଥାନ୍ତି। ଏପରିକି ଏଥିରେ ଭିଟାମିନ୍ ଏ ରହୁଥିବାରୁ, ଏହାକୁ ଖାଇଲେ ଆଖି ସୁସ୍ଥ ରହିଥାଏ ବୋଲି ବିଶ୍ୱାସ କରାଯାଏ। ସେହିପରି ଅଙ୍ଗୁର ଖାଇବା ଦ୍ୱାରା ଶରୀରରେ ସୁଗାର୍ ଲେଭଲ୍ ବି ନିୟନ୍ତ୍ରଣରେ ରହିଥାଏ। ତା'ଛଡ଼ା ଅନେକଙ୍କର ଖରାଦିନେ ଆଲର୍ଜି ହୋଇ ତ୍ୱଚା କୁଣ୍ଡାଇ ହୋଇଥାଏ। ଏଭଳି କ୍ଷେତ୍ରରେ ଅଙ୍ଗୁର ଖାଇଲେ ଅନେକ ସୁଫଳ ମିଳିଥାଏ। କାରଣ ଅଙ୍ଗୁରରେ



ଆଣ୍ଟିଭାଇରାଲ୍ ଗୁଣ ରହୁଥିବାରୁ ତ୍ୱଚା ସମ୍ବନ୍ଧୀୟ ଆଲର୍ଜିକୁ ଦୂର କରିବାରେ ଏହା ସାହାଯ୍ୟ କରିଥାଏ। ସେହିପରି କୁହାଯାଏ, ଅଙ୍ଗୁର ଖାଇଲେ କ୍ୟାନସର୍ ଭଳି ମାରତ୍ମକ ରୋଗରୁ କେତେକାଂଶରେ ମୁକ୍ତି ମିଳିଥାଏ। ବିଶେଷକରି ବ୍ରେଷ୍ଟ କ୍ୟାନସର୍‌ରୁ ରକ୍ଷା ପାଇବା ପାଇଁ ଅଙ୍ଗୁର ଖାଇବା ଫଳପ୍ରଦ ବୋଲି ବିଶେଷଜ୍ଞମାନେ ମତ ଦେଇଥାନ୍ତି।

# ପାଠକୀୟ

*ମୋତେ ଛୁଟିଦିନ ପଢିବାକୁ ବହୁତ ଭଲ ଲାଗେ। ଖାସ୍‌କରି ପ୍ରତିଥର ପ୍ରକାଶ ପାଉଥିବା ପ୍ରଚ୍ଛଦ ପ୍ରସଙ୍ଗରୁ ନୂଆ ନୂଆ ତଥ୍ୟ ଜାଣି ହେଉଥିବାରୁ ଏହା ମୋର ଅତି ପ୍ରିୟ। ସେହିପରି ସିନେମା ପୃଷ୍ଠାରୁ ସେଲିବ୍ରିଟିମାନଙ୍କର ବ୍ୟକ୍ତିଗତ ଜୀବନ ହେଉ ଅବା ଆକ୍ଟିଂ କ୍ୟାରିୟରରେ ସେମାନେ କ'ଣ କରୁଛନ୍ତି ସେ ବିଷୟରେ ଅନେକ ଅଜଣା କଥା ଜାଣି ଖୁସି ଲାଗେ।

*-ସ୍ୱପ୍ନା ସ୍ୱାଇଁ, ମାଟିତୋଟା, ପୁରୀ*

*ଛୁଟିଦିନ ପ୍ରଚ୍ଛଦ ପ୍ରସଙ୍ଗର ସତରେ କୌଣସି ତୁଳନା ନାହିଁ। କାରଣ ପ୍ରତିଥର ପ୍ରକାଶ ପାଉଥିବା ପ୍ରଚ୍ଛଦ ପ୍ରସଙ୍ଗ କିଛିଟା ଭିନ୍ନ ସ୍ୱାଦ ନେଇ ଆସିଥାଏ; ଯେଉଁଥିରୁ ଅନେକ କିଛି ଗୁରୁତ୍ୱପୂର୍ଣ୍ଣ କଥା ଶିଖିହୁଏ। ସେହିପରି ସୃଜନ ପୃଷ୍ଠାଟି ବି ବେଶ୍ ସ୍ୱତନ୍ତ୍ର ଲାଗେ। ଖାସ୍ କରି ଏଥିରେ ସ୍ଥାନ ପାଉଥିବା କବିତାଗୁଡ଼ିକ ମୋତେ ପଢିବାକୁ ବହୁତ ଭଲ ଲାଗେ।

*-ସୋନାଲି ପାତ୍ର, ବ୍ରହ୍ମପୁର, ଗଞ୍ଜାମ*

* ସିନେମା ପୃଷ୍ଠାରେ ସ୍ଥାନିତ ହେଉଥିବା ସେଲିବ୍ରିଟିମାନଙ୍କର ଫଟୋଗୁଡ଼ିକ ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ, ସେମିତି ରୋଚକପୂର୍ଣ୍ଣ ହୋଇଥାଏ ସେମାନଙ୍କୁ ଆଧାର କରି ସୃଷ୍ଟି ହୋଇଥିବା କାହାଣୀସବୁ। ସେଥିପାଇଁ ପ୍ରତି ରବିବାର ଛୁଟିଦିନ ପାଇବା ମାତ୍ରେ ଆଗେ ସିନେମା ପୃଷ୍ଠାଟିକୁ ପଢିବସେ। ତା'ପରେ ଭଲ ଲାଗେ ଛୁଟିଦିନର ହାଃ ହାଃ। ଭାରୀ କୌତୁକିଆ ହୋଇଥାଏ ଏହି ହାଃ ହାଃଗୁଡ଼ିକ।

*-ମୌସମ ଦାଶ, ଚାନ୍ଦବାଲି, ଭଦ୍ରକ*

*ସହରପୃଷ୍ଠାରୁ ବହୁ ନୂଆ ନୂଆ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଜାଣି ହୁଏ, ତେଣୁ ଭାରୀ ଖୁସି ଲାଗେ। ସେହିପରି କାର୍ଟୁନ କର୍ନର ବି ଖୁବ୍ ମଜାଳିଆ ତଥା ତଥ୍ୟପୂର୍ଣ୍ଣ ହେଉଥିବାରୁ ଭଲ ଲାଗେ। ଅନ୍ୟପକ୍ଷେ ପ୍ରତିଥର ମଡେଲ ମିରର୍‌ରେ ସ୍ଥାନ ପାଉଥିବା ମଡେଲ୍‌ମାନଙ୍କର ଫଟୋଗୁଡ଼ିକୁ ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ।

*-ଅମରେଶ ମହାନ୍ତି, ଚକ୍ରତୀର୍ଥ ରୋଡ, ପୁରୀ-୨*

*ପ୍ରତିଥର ଛୁଟିଦିନର ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ହେଉଥିବା ଛୋଟ ଛୋଟ ତଥା ରୋଚକପୂର୍ଣ୍ଣ ପାଠଗୁଡ଼ିକ ପଢିବାକୁ ବେଶ୍ ମଜା ଲାଗେ। ଏଥିସହିତ ବ୍ୟଙ୍ଗ ପୃଷ୍ଠାରେ ପ୍ରକାଶ ପାଉଥିବା ଅନେକ ତାସଲ୍ୟଭରା କିନ୍ତୁ ଜରୁରୀ କଥାଗୁଡ଼ିକ ପଢିଲେ ବହୁକଥା ଶିଖିହୁଏ।

*-ରାକେଶ ଦାସ, ବାଦାମବାଡ଼ି, କଟକ*

*ଛୁଟିଦିନର ମୁଁ ଜଣେ ବିଦଗ୍ଧ ପାଠିକା। ଯେତେବେଳେ ତୃତୀୟ ଶ୍ରେଣୀରେ ପଢୁଥିଲି, ସେବେଠାରୁ ଛୁଟିଦିନ ପଢି ଆସୁଛି। ସେତେବେଳେ ହୁଏତ ଏଥିରେ ଉଲ୍ଲେଖ ହେଉଥିବା କିଛିଟା ଆଲେଖ୍ୟକୁ ପଢି ବୁଝିପାରୁ ନଥିଲି, କିନ୍ତୁ ଏବେ ପ୍ରଥମ ପୃଷ୍ଠାରୁ ଶେଷ ପୃଷ୍ଠା ଯାଏଁ ସବୁ ସ୍ତମ୍ଭକୁ ମୁଁ ଆମୂଳଚୂଳ ପଢୁଛି। କାହିଁକି ନା ପ୍ରତିଟି ଲେଖା ଏତେ ମର୍ମସ୍ପର୍ଶୀ ହେଉଛି ଯେ, ଏହାକୁ ନ ପଢି ରହି ହେଉନି।

*-କିରଣବାଳା ମହାନ୍ତି, ୱାଟର୍‌ୱାର୍କ୍ସ ରୋଡ୍, ପୁରୀ*

## ବିଶେଷ ଚିଠି

ଆହେ ମୋର ପ୍ରିୟ ଛୁଟିଦିନ
ଧରିତ୍ରୀର ତୁମେ ଗେହ୍ଲା ଧନ।
ଷୋହଳ ପୃଷ୍ଠାରେ ତୁମେ ଆସ
ଲେଖାରେ କରିଥାଅ ସଭିଙ୍କୁ ବଶ।
ମୁଁ ବି ପଡିଗଲି ତୁମ ପ୍ରେମରେ
ଛାଡି ରହି ପାରୁନି ତୁମକୁ ଦଣ୍ଡେରେ।
ଘେନ ମୋ ନିବେଦନ ତୁମେ ଛୁଟିଦିନ
ଏହିପରି ଆସୁଥାଅ ପ୍ରତି ରବିବାର ଦିନ।

*-ଶ୍ରୀୟାଂଶ ମିଶ୍ର, ଲିଙ୍କ୍‌ରୋଡ୍, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ସହରୀ ପାର୍କ ଏବେ ଗାଁରେ

**ଏବେ ଆଉ କେବଳ ସହରୀ ଲୋକଙ୍କ ଅବସର କାଟିବାର ମାଧ୍ୟମ ହୋଇନାହିଁ ପାର୍କ। କାରଣ ଏବେ ଅନେକ ଗାଁରେ ବି ତିଆରି ହେଲାଣି ସହରୀ ପାର୍କ..**

ଦିନକୁ ଦିନ ପୃଥିବୀ ପୃଷ୍ଠରୁ ବହୁ ମୂଲ୍ୟବାନ୍ ବୃକ୍ଷଲତା ଲୋପ ପାଇଯାଉଛି। ସଙ୍କୁଚିତ ହୋଇଯାଉଛି ପ୍ରାକୃତିକ ଜଙ୍ଗଲ । ଏପରିକି ପରିବେଶ ସୁରକ୍ଷା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। ଏଥିପାଇଁ ବହୁ ଯୋଜନା ହେଉଛି। ଏହାର ସମାଧାନ ପାଇଁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ଜରୁରୀ ହୋଇପଡ଼ିଛି। ଆଜିକାଲି ସହରର ବିଭିନ୍ନ ସ୍ଥାନରେ ନାନାପ୍ରକାରର ଫୁଲଫଳ ଗଛ ଲଗାଇ ସବୁଜ ଉଦ୍ୟାନ କରାଯାଉଛି। ଏଥିଯୋଗୁ ସହର ସବୁଜସୁନ୍ଦର ହେବା ସହିତ ପରିବେଶ ସୁରକ୍ଷା ବି ହୋଇପାରୁଛି। ପିଲାମାନେ ଏହି ସୁନ୍ଦର ପରିବେଶରେ ବୁଲାବୁଲି କରିବା ସହ ବୟସ୍କମାନେ ବିଶ୍ରାମ ନେଇଥାନ୍ତି। ତେବେ ଏହା କେବଳ ସହରରେ ନୁହେଁ ଏବେ ଗ୍ରାମରେ ମଧ୍ୟ ଦେଖିବାକୁ ମିଳୁଛି। କେତୋଟି ଗାଁରେ ଏବେ ସହରଭଳି ପାର୍କ ତିଆରି ହେବା ସହ ସହରୀ ପାର୍କର ସବୁ ପ୍ରକାରର ସୁଖ ସୁବିଧା ଗାଁରେ ମିଳିପାରୁଛି। ବିଭିନ୍ନ ଜୀବଜନ୍ତୁଙ୍କ କଳାକୃତି ସହ ପିଲାଙ୍କ ଖେଳନା ଓ ରଙ୍ଗବେରଙ୍ଗର ଫୁଲ ଫଳ ଗଛକୁ ଦେଖିଲେ ଯେକେହି ଘଡ଼ିଏ ଅଟକି ଯିବେ। ଯାହାକି ଅନ୍ୟ ଗ୍ରାମ ପାଇଁ ନିଶ୍ଚିତଭାବେ ଉଦାହରଣ। ସେମିତି କେତୋଟି ସୁନ୍ଦର ଗ୍ରାମୀଣ ଉଦ୍ୟାନ ସମ୍ପର୍କରେ...

**ଗାଁର ଶୋଭାକୁ ବଢ଼ାଉଛି ପ୍ରମୋଦ ଉଦ୍ୟାନ:** ସାଧାରଣତଃ ଉଦ୍ୟାନ କହିଲେ ପାଚେରିଘେରା ମଧ୍ୟରେ ସୁରକ୍ଷିତଭାବେ ଶୋଭାପାଉଥିବ ନାନାପ୍ରକାର ରଙ୍ଗବେରଙ୍ଗର ଫୁଲଫଳ ଗଛ। ସକାଳ ଓ ସନ୍ଧ୍ୟାରେ ପୁଣି ଜମୁଥିବ ଲୋକଙ୍କ ଆସର। ଉଦ୍ୟାନ ପରିସରରେ ପଡ଼ିଥିବ କେତୋଟି ସୁନ୍ଦର ଚେୟାର। ନିକଟରେ ବିଦ୍ୟୁତ୍ ଖୁଣ୍ଟ ଓ ବିଭିନ୍ନ ଜୀବଜନ୍ତୁଙ୍କ କଳାକୃତିର ଚିତ୍ର ରହିଥିବା ବେଳେ ପାଚେରି କାନ୍ଥରେ ଲେଖାଯାଇଥିବ କେତେକ ମହତ୍‌ବାଣୀ । ଗଛଲତା ନିକଟରେ ପାନୀୟଜଳ ବ୍ୟବହାର ପାଇଁ ହୋଇଥିବ ପାଣିଟ୍ୟାପ୍‌ର ସୁବ୍ୟବସ୍ଥା। ଖରାବେଳେ ଗଛମୂଳ ଛାଇରେ ବି ଟିକେ ବିଶ୍ରାମ ନେବାପାଇଁ ହୋଇଥାଏ ସୁବ୍ୟବସ୍ଥା। ଛୋଟପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏଠାରେ ଚଲାବୁଲା ନିମନ୍ତେ ତିଆରି ହୋଇଥାଏ ସୁନ୍ଦର ସୁରକ୍ଷିତ ରାସ୍ତା। ଏପରି ଉଦ୍ୟାନ ପରିସର ସର୍ବଦା ଥାଏ ସ୍ୱଚ୍ଛ ସବୁଜ ଓ ସୁନ୍ଦର। ତେବେ ସେମିତି ଏକ ଉଦ୍ୟାନ ହୋଇଛି ଢେଙ୍କାନାଳ ଜିଲାର କାମାକ୍ଷାନଗର ବ୍ଲକ ଅନ୍ତର୍ଗତ କୋଟଗରା ଗ୍ରାମପଞ୍ଚାୟତରେ । ଏହି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଲଳିତ ସାହୁ କୁହନ୍ତି, କୋଟଗରା ଗ୍ରାମପଞ୍ଚାୟତ ୧୯୯୨ରେ ସ୍ଥାପନ ହୋଇଛି। ଏହି ପଞ୍ଚାୟତରେ ୮ଟି ମୌଜା, ୧୩ଟି ୱାର୍ଡ ଓ ୫ଟି ଶିକ୍ଷାନୁଷ୍ଠାନ ରହିଛି । ଗାଁର ଉତ୍ତର ଦିଗରେ ମାଣ୍ଡୁଖୁରା ଶିବମନ୍ଦିର, ପଶ୍ଚିମରେ ବ୍ରାହ୍ମଣୀଦେବୀଙ୍କ ପୀଠ ଓ ବିସ୍ତୃତ ଚାଷଜମି। ପୂର୍ବରେ ଗ୍ରାମ୍ୟଜଙ୍ଗଲ ଏବଂ ମା'ତାରିଣୀଙ୍କ ମନ୍ଦିର ରହିଛି। ସେହିପରି ଦକ୍ଷିଣ ପଟକୁ ରହିଛି କପିଳେଶ୍ୱର ଦେବଙ୍କ ପୀଠ। ଗ୍ରାମର ପଶ୍ଚିମ- ଦକ୍ଷିଣରେ ବ୍ରାହ୍ମଣୀ ନଦୀ ଓ ଇନ୍ଦ୍ରଜିତ ନାଳ ରହିଛି। ଏହି ଗାଁରେ ମୁଖ୍ୟତଃ ଦୋଳ, ଦଶହରା, ହୋଲି, ପଣାସଂକ୍ରାନ୍ତି ଆଦି ପର୍ବକୁ ଗ୍ରାମବାସୀ ଧୁମଧାମରେ ପାଳନ କରିଥାନ୍ତି। ଗ୍ରାମରେ ବାସକରୁଥିବା ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଅଧିକାଂଶ କୃଷି ଉପରେ ନିର୍ଭରଶୀଳ। ଗ୍ରାମପଞ୍ଚାୟତରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ହୋଇପାରିଛି। ଅନ୍ୟପକ୍ଷେ ୨୦୧୪-୧୫ ଆର୍ଥିକ ବର୍ଷରେ କେତେକ ଗଠନମୂଳକ କାର୍ଯ୍ୟପାଇଁ କୋଟଗରା ଗ୍ରାମପଞ୍ଚାୟତ ଜିଲାସ୍ତରରେ ଶ୍ରେଷ୍ଠ ପଞ୍ଚାୟତରୂପେ ବିବେଚିତ ହୋଇଥିଲା। ତେବେ ୨୦୨୦ରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କେତେକ ଯୋଜନାର ଆର୍ଥିକ ଅନୁଦାନର ସହାୟତାରେ ପ୍ରାୟ୪୦ ଲକ୍ଷଟଙ୍କା ଖର୍ଚ୍ଚ କରାଯାଇ ଏହି ପଞ୍ଚାୟତର ସମ୍ମୁଖଭାଗରେ ପ୍ରାୟ ୨ଏକର ପରିମିତ ଜାଗାରେ ଏକ ସୁନ୍ଦର ଉଦ୍ୟାନ କରାଯାଇଛି। ଏହି ଉଦ୍ୟାନ ପରିସରରେ ଘାସ ଗାଲିଚା, ୱାଟରପୁଲ୍, ରଙ୍ଗବେରଙ୍ଗର ଫୁଲଗଛ, ଦୋଳି, ବିଦ୍ୟୁତ୍ ଆଲୁଅ, ସିମେଣ୍ଟ ଚେୟାର, ସବୁଜଘର ଆଦି ତିଆରି କରାଯାଇଛି। ଏହି ପରିବେଶର ଯତ୍ନପାଇଁ ଜଣେ ମାଳୀଙ୍କୁ ଦାୟିତ୍ୱ ଦିଆଯାଇଛି। ମାତ୍ର ଉଦ୍ୟାନ ବା ପାର୍କର ପରିଚାଳନା ଦୃଷ୍ଟିରୁ ଏହାର ପରିସରକୁ ବୁଲିବାକୁ ଆସୁଥିବା ଲୋକଙ୍କଠାରୁ ସ୍ୱଳ୍ପ ମୂଲ୍ୟର ଶୁଳ୍କ ଆଦାୟ କରାଯାଇଥାଏ। ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ରାଉତ କୁହନ୍ତି, ପାର୍କର ସୁରକ୍ଷା ଓ ରକ୍ଷଣାବେକ୍ଷଣ ନିମନ୍ତେ ପଞ୍ଚାୟତ ତରଫରୁ ପଦକ୍ଷେପ ନିଆଯାଇଥାଏ। ସରପଞ୍ଚ ସୁଲୋଚନା ଦଳେଇ କୁହନ୍ତି, ଏହି ପାର୍କ କିପରି ଅଧିକ ଆକର୍ଷଣୀୟ ହୋଇପାରିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ଏହି ସୁନ୍ଦର ପରିବେଶ କେବଳ ଗ୍ରାମବାସୀଙ୍କୁ ନୁହେଁ ଏଠାକୁ ଆସୁଥିବା ଅନ୍ୟମାନଙ୍କୁ ବି ଖୁସି ଦେଇଥାଏ ।


**ଗାଁ ପାର୍କ ଭକ୍ତ ବଳରାମଙ୍କ ପୀଠର ସୌନ୍ଦର୍ଯ୍ୟ ବଢ଼ାଇଛି:** ପୁରୀ ଜିଲାର ଗୋପ ବ୍ଲକ ଅଧୀନ ଏରବଙ୍ଗ ପଞ୍ଚାୟତ। ଏଠାରେ ରହିଛି ଭକ୍ତ ବଳରାମ ଦାସଙ୍କ ଜନ୍ମପୀଠ। ୨୦୨୦-୨୧ ଆର୍ଥିକବର୍ଷରେ ଏହି ପୀଠ ନିକଟରେ ପ୍ରାୟ ୬୦ ହଜାର ବର୍ଗ ଫୁଟ୍ ପରିମିତ ଜାଗାରେ ଏକ ଗ୍ରାମୀଣ ପାର୍କ ତିଆରି କରାଯାଇଛି। ଯାହାର ନାମ ରହିଛି 'ଭକ୍ତ ବଳରାମ ଦାସ ରୁରାଲ ପାର୍କ'। ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ସାହୁ କୁହନ୍ତି, ଏହି ପାର୍କରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ପ୍ରାୟ ୩୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଆହୁରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଗଲେ ପାର୍କ କାର୍ଯ୍ୟ ଶେଷ ହୋଇପାରିବ। ପାର୍କରେ ଆବଶ୍ୟକତା ଅନୁସାରେ ସିମେଣ୍ଟ ଚେୟାର, ଚଉତରା, ୩୦ ପ୍ରକାର ଫୁଲଗଛ, ପାଇଖାନା, ପରିସ୍ରାଗାର, ଦୋଳି ସହିତ ଅଧିକ ଆକର୍ଷଣୀୟ କରିବା ଲାଗି ସାଜସଜା କରାଯାଇଛି। ସରପଞ୍ଚ ରଶ୍ମିରେଖା ଦାଶ କୁହନ୍ତି, ଏହି ପାର୍କର ସୁରକ୍ଷା ନିମନ୍ତେ ସରକାରୀ ସ୍ତରରେ ଏଯାଏ ସେମିତି କିଛି ଆର୍ଥିକ ଯୋଜନା ନ ଥିବାରୁ ପଞ୍ଚାୟତ ଉଦ୍ୟମରେ ଗ୍ରାମର ଏକ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଏହି ପାର୍କର ଦାୟିତ୍ୱ ବୁଝୁଛନ୍ତି। ପାର୍କକୁ ଅଧିକ ସରସ ସୁନ୍ଦର ପାଇଁ ପ୍ରୟାସ କରାଯିବ।

**ଗାଁ ପାର୍କ ବାଣ୍ଟୁଛି ସବୁଜ ବାର୍ତ୍ତା:** ପୁରୀ ଜିଲାର ଗୋପ ବ୍ଲକ ଅଧୀନ ଗଡ଼ଭିଙ୍ଗୁରା ପଞ୍ଚାୟତରେ ପ୍ରାୟ ୮୦/୮୫ ବର୍ଗମିଟର ପରିମିତ ଅଞ୍ଚଳରେ ଏକ ଗ୍ରାମୀଣ ପାର୍କ ସୃଷ୍ଟି କରାଯାଇଛି। ପୂର୍ବତନ ସରପଞ୍ଚ ଶୁଭଶ୍ରୀ ନାୟକ କୁହନ୍ତି,ଏହି ପାର୍କ ପାଇଁ ପୂର୍ବରୁ ବିଭିନ୍ନ ସରକାରୀ ଯୋଜନା ଅନୁଦାନରେ ପ୍ରାୟ୨୫ ଲକ୍ଷ ଟଙ୍କାରୁ ଅଧିକ ବିନିଯୋଗ ହୋଇଛି। ଏଠାରେ ଆଲୋକୀକରଣ, ବସିବା ଲାଗି ଚେୟାର, ଘାସଗାଲିଚା ବିଭିନ୍ନ ଫୁଲଗଛ ଆଦି ବ୍ୟବସ୍ଥା କରାଯାଇଛି ।

→











ସରପଞ୍ଚ କ୍ଷଣପ୍ରଭା ପାତ୍ର କୁହନ୍ତି, ଆହୁରି ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରାଗଲେ ଏହି ପାର୍କର ସୌନ୍ଦର୍ଯ୍ୟକରଣ ହୋଇପାରିବ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କେଶବଚନ୍ଦ୍ର ପ୍ରଧାନ କୁହନ୍ତି, ଏଠାରେ ଗ୍ରାମର ସାଧାରଣ ଲୋକେ ଆମୋଦ ପ୍ରମୋଦ କରିପାରିବେ । ପାର୍କର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ସରକାରୀ ସ୍ତରରେ କିଛି ଯୋଜନା ହୋଇପାରିଲେ ଏହାର ସ୍ୱାତନ୍ତ୍ର୍ୟ ବଢ଼ି ପାରନ୍ତା।

**ସମସ୍ତଙ୍କୁ ଖୁସି ଦେଉଛି ଗ୍ରାମୀଣ ପାର୍କ:** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମୁଣ୍ଡୋଘାଟ ପଞ୍ଚାୟତରେ ରହିଛି ଏକ ଗ୍ରାମୀଣ ପାର୍କ। ୨୦୨୧ ମାର୍ଚ୍ଚ ୨୧ ତାରିଖରେ ଏହି ପାର୍କ ଉଦ୍‌ଘାଟିତ ହୋଇଥିଲା। ଉଲୁଣ୍ଡା – ବୀରମହାରାଜପୁର ରାସ୍ତା ପାର୍ଶ୍ୱ ପ୍ରାୟ ୧ ଏକର ପରିମିତ ଅଞ୍ଚଳରେ ତିଆରି କରାଯାଇଥିବା ଏହି ପାର୍କରେ ବିଭିନ୍ନ ପ୍ରକାର ଫୁଲଗଛ ଲାଗିଛି। ପାର୍କ ପରିସରରେ ଛୋଟପିଲାଙ୍କ ଖେଳିବା ପାଇଁ ଦୋଳି ଓ ଅନ୍ୟାନ୍ୟ ବ୍ୟବସ୍ଥା ଅଛି। ପ୍ରାକ୍ତନ ଜିଲାପାଳ ମୋନୀଷା ବାନାର୍ଜୀ ଏହି ଜିଲାର ସବୁ ପଞ୍ଚାୟତରେ ଏଭଳି ପାର୍କ ନିର୍ମାଣ ପାଇଁ ଉଦ୍ୟମ କରିଥିଲେ। ପୂର୍ବତନ ସରପଞ୍ଚ ରଞ୍ଜିତା ଭୋଇଙ୍କ ଉଦ୍ୟମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନରୁ ପ୍ରାୟ ୨୩ ଲକ୍ଷ ୯୫ ହଜାର ଟଙ୍କା ବ୍ୟୟରେ ଏହି ପାର୍କ ନିର୍ମାଣ ହୋଇଛି। ଏହାର ସୁରକ୍ଷା ପଞ୍ଚାୟତର କର୍ମଚାରୀ ତଥା ରାତ୍ରି ଜଗୁଆଳି କରୁଥିବା ବେଳେ ଅନ୍ୟଜଣେ ବ୍ୟକ୍ତି ଯତ୍ନ ନେଉଛନ୍ତି। ବର୍ତ୍ତମାନର ସରପଞ୍ଚ କିଶୋର ଜଗଦଲା ଏହି ପାର୍କକୁ ଆହୁରି ସୁନ୍ଦର କରିବା ପାଇଁ ଯୋଜନା କରିଛନ୍ତି। ଏଥିପାଇଁ ଆର୍ଥିକ ବର୍ଷ ଯୋଜନାରେ ଏହି ପାର୍କର କେତେକ ଆବଶ୍ୟକ କାର୍ଯ୍ୟକୁ ବାସ୍ତବ ରୂପ ଦେବାପାଇଁ ପ୍ରୟାସ ଜାରିରଖିଛନ୍ତି।

**ଗ୍ରାମୀଣ ଉଦ୍ୟାନ ବନ୍ଧୁତ୍ୱର ପରିଚୟ ସୃଷ୍ଟି କରୁଛି:** ଗଞ୍ଜାମ ଜିଲାର ଦିଗପହଣ୍ଡିବ୍ଲକ ଅନ୍ତର୍ଗତ ଗୋକର୍ଣ୍ଣପୁର ଗ୍ରାମପଞ୍ଚାୟତ। ଏହି ପଞ୍ଚାୟତ ଅଧୀନରେ ରହିଛି ଏକ ଗ୍ରାମୀଣ ଉଦ୍ୟାନ। ଗୋକର୍ଣ୍ଣପୁର ଛକରୁ ବାଙ୍କେଶ୍ୱରୀ ଯିବା ରାସ୍ତାର ବାମପଟେ ରହିଛି ଏହି ଉଦ୍ୟାନ। ପୂର୍ବତନ ସରପଞ୍ଚ ମିନତୀ କୁମାରୀ ଦେବୀ କୁହନ୍ତି,୨୦୨୦-୨୧ ମସିହା ଆର୍ଥିକ ବର୍ଷରେ ପ୍ରାୟ ୫ ଏକର ଜମିରେ ଉଦ୍ୟାନଟି ତିଆରି କରାଯାଇଛି। ଏଥିପାଇଁ ବିଭିନ୍ନ ସରକାରୀ ଯୋଜନାରୁ ପ୍ରାୟ ୫୦ରୁ ୬୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା କୁହାଯାଉଛି। ଏହି ଉଦ୍ୟାନ ପରିସରରେ ସୁଇମିଂପୁଲ୍, ଯୋଗ ଅଭ୍ୟାସ ମଣ୍ଡପ, ବିଭିନ୍ନ ଫୁଲଗଛ, ବିଦ୍ୟୁତ୍ ଖୁଣ୍ଟ, ପ୍ରାୟ ୨୦ଟି ବେଞ୍ଚ, ପାନୀୟଜଳ, ଶୌଚାଳୟ, ଡଷ୍ଟବିନ, ଘାସଗାଲିଚା ରହିଛି। ତେବେ ସରପଞ୍ଚ ଡି. ଆରତି ଦୋରା କୁହନ୍ତି, ପଞ୍ଚାୟତର ଏହି ଉଦ୍ୟାନକୁ ଅଧିକ ସୁନ୍ଦର କରାଯିବାପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ।

**ପିଲାଙ୍କ ମନମୋହୁଛି ପାର୍କ:** ନୟାଗଡ଼ଜିଲାର ନୟାଗଡ଼ବ୍ଲକ ଅନ୍ତର୍ଗତ ଜେମାଦେଈପୁର ପାଟଣା। ଏହି ଗ୍ରାମପଞ୍ଚାୟତ ଅଧୀନରେ ରହିଛି ଏକ ଗ୍ରାମୀଣ ପାର୍କ। ୨୦୨୦ ଏପ୍ରିଲ ୧୪ରେ କାର୍ଯ୍ୟକାରୀ ହୋଇଥିବା ଏହି ପାର୍କରେ ବିଭିନ୍ନ ଗଛଲତା ଲାଗିଛି। ଏଠାରେ ପିଲାମାନଙ୍କ ପାଇଁ ଖେଳନା, ସିମେଣ୍ଟ ତିଆରି ବାଘ, ହରିଣ, ବଗ ଇତ୍ୟାଦି ଜୀବଜନ୍ତୁଙ୍କ କଳାକୃତି ତିଆରି କରାଯାଇଛି। ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗଗନବିହାରୀ ମିଶ୍ର କୁହନ୍ତି, ଏହି ପାର୍କ ନିର୍ମାଣ ବାବଦକୁ ସରକାରୀ ଯୋଜନାରେ ପ୍ରାୟ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ବର୍ତ୍ତମାନର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ପାତ୍ର କୁହନ୍ତି, ପାର୍କରେ ଆଲୋକୀକରଣ କରାଯାଇଛି। ଆଗାମୀ ଦିନରେ ଗ୍ରାମବାସୀଙ୍କ ସହଭାଗିତାରେ ଏହି ପାର୍କର ସୁରକ୍ଷା ଓ ଯତ୍ନ ସହିତ ଅଧିକ ସରସ ସୁନ୍ଦର କିପରି ହୋଇପାରିବ ସେଥିପାଇଁ ଉଦ୍ୟମ ଜାରି ରହିଛି।

**ସ୍ୱଚ୍ଛ,ସବୁଜ ଓ ସୁନ୍ଦର ପରିବେଶ ସୃଷ୍ଟି କରୁଛି:** ଭଦ୍ରକ ଜିଲା ଭଦ୍ରକ ବ୍ଲକ ଅନ୍ତର୍ଗତ ଜଗଦଳପୁର ଗ୍ରାମପଞ୍ଚାୟତରେ ରହିଛି ଏକ ଗ୍ରାମୀଣ ପାର୍କ। ଏହି ପାର୍କର ନାମ ଜଗଦଳପୁର ରୁରାଲ୍ ପାର୍କ। ପୂର୍ବତନ ସରପଞ୍ଚ ବିଜୟ ମହାପାତ୍ର କୁହନ୍ତି, ଏହି ପାର୍କଟି ୨୦୨୧-୨୨ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା। ତେବେ ଏହି ପାର୍କ ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମେତ ଆଉ କେତେକ ସରକାରୀ ଯୋଜନା ଅନୁଦାନରେ ପ୍ରାୟ ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପାର୍କ ପରିସରରେ ପିଲାମାନଙ୍କ ଲାଗି ଖେଳନା ଓ କ୍ରୀଡ଼ା ସାମଗ୍ରୀ ରହିଛି। ଏଠାରେ ବିଭିନ୍ନ ରଙ୍ଗବେରଙ୍ଗର ଫୁଲଗଛ ଏବଂ ଔଷଧୀୟ ବୃକ୍ଷଲତା ଲଗାଯାଇଛି। ସୁରକ୍ଷା ପାଇଁ ପାର୍କ ଚାରିପଟକୁ ଘେରି ରହିଛି ପାଚେରି। ପାର୍କ ପରିସରରେ ଏକ ବ୍ୟାୟାମ ସ୍ଥଳ, ଯୋଗକେନ୍ଦ୍ର ରହିଛି। ଏକ ଶୌଚାଳୟ, ପାନୀୟଜଳର ସୁବିଧା କରାଯାଇଛି। ଏଠାରେ ସିମେଣ୍ଟର ଚେୟାର ତିଆରି କରାଯାଇଛି। ଏହି ଅଞ୍ଚଳର ସ୍ଥାନୀୟ ଜମିର ମାପ ଅନୁସାରେ ପ୍ରାୟ ଏକ ଗୁଣ୍ଠରୁ ଊର୍ଦ୍ଧ୍ୱ ପରିମିତ ଜାଗାରେ ପାର୍କଟି ତିଆରି କରାଯାଇଛି। ସବାଇଘାସ, ବିଭିନ୍ନ ଫୁଲଗଛ, ଜୀବଜନ୍ତୁଙ୍କ କୃତ୍ରିମ ପ୍ରତିକୃତି ତିଆରି କରାଯାଇ ଏହାର ଶୋଭାକୁ ବଢା ଯାଇପାରିଛି। ତେବେ ପ୍ରତିଦିନ ସକାଳେ ଓ ଦିନ ୩ଟାରୁ ରାତି ୯ଟା ଯାଏ ଏହି ପାର୍କ ଖୋଲା ରହିଥାଏ। ଏହାର ରକ୍ଷଣାବେକ୍ଷଣ ପାଇଁ ଜଣେ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତିଦିନ ପ୍ରାୟ ୨ଶହରୁ ୩ଶହ ଲୋକ ଏଠାକୁ ଆସିଥାନ୍ତି। ସରପଞ୍ଚ ତିଲୋତ୍ତମା ମହାପାତ୍ର କୁହନ୍ତି, ଏହି ପାର୍କକୁ ଅଧିକ ସୁନ୍ଦର କରିବା ପାଇଁ ପ୍ରୟାସ ଜାରିରହିଛି।

ଏହି ଗ୍ରାମୀଣ ଉଦ୍ୟାନ ବ୍ୟତିତ ରାଜ୍ୟର ଆଉ କିଛି ଗ୍ରାମାଞ୍ଚଳରେ ବି ଗ୍ରାମୀଣ ଉଦ୍ୟାନ ହୋଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ସହଭାଗିତାରେ ତିଆରି କରାଯାଇଥିବା ଏହି ଗ୍ରାମୀଣ ଉଦ୍ୟାନ ଲୋକଙ୍କ ଆମୋଦ ପ୍ରମୋଦରେ ବେଶ୍ ସହାୟକ ହୋଇପାରୁଛି।

**–ବନବିହାରୀ ବେହେରା**

**ଭାରତୀ ଭୂଷଣ ଉପାଧ୍ୟାୟ, ଅଶେଷନାଥ ମିଶ୍ର, ମୃତ୍ୟୁଞ୍ଜୟ ଶତପଥୀ, ବିଭୁପ୍ରସାଦ ବେହେରା, ଲୋକନାଥ ମିଶ୍ର**



# ଫ୍ଲୋରାଲ୍ ଫ୍ୟାଶନ






**ଖରାଦିନେ ଫ୍ୟାଶନେବଲ୍ ଦେଖାଯିବା ପାଇଁ ସବୁଠାରୁ ଷ୍ଟାଇଲିଶ୍ ପ୍ରିଣ୍ଟ ହେଉଛି ଫ୍ଲୋରାଲ୍। ତା'ଛଡ଼ା ଏହି ପ୍ରିଣ୍ଟର ଆଉଟ୍‌ଫିଟ୍ ରିଫ୍ରେଶିଙ୍ଗ୍ ଲୁକ୍ ଦେବା ସହ ସବୁ ପ୍ରକାରର ବଡି ଟାଇପ୍ସକୁ ମଧ୍ୟ ଭଲ ମାନିଥାଏ। ଆଜିକାଲି ଅନେକ ପ୍ରକାରର ଫ୍ୟାଶନ ଆଇଟମ୍ସରେ ବି ଫ୍ଲୋରାଲ୍ ପ୍ରିଣ୍ଟ ରହୁଥିବାର ଦେଖିବାକୁ ମିଳୁଛି। ଯେମିତିକି ଶାଢ଼ି, କୁର୍ତ୍ତା, ଫ୍ରକ୍, ଜିନ୍ସ ଏପରିକି ଫ୍ଲୋରାଲ୍ ପ୍ରିଣ୍ଟବାଲା ଫୁଟ୍‌ୱେର୍ ଇତ୍ୟାଦି, ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ ମଧ୍ୟ ଲାଗୁଛି ...**



**ଫ୍ଲୋରାଲ୍ ଶାଢ଼ି:** ଫ୍ଲୋରାଲ୍ ପ୍ରିଣ୍ଟ ବାଲା ଶାଢ଼ି କେବେ ବି ଆଉଟ୍ ଅଫ୍ ଟ୍ରେଣ୍ଡ ହୋଇ ନଥାଏ। ଏପରିକି ସେଲିବ୍ରିଟିଙ୍କ ଗହଣରେ ମଧ୍ୟ ଏହି ଶାଢ଼ିର ଚାହିଦା ଖୁବ୍ ରହିଥାଏ। କାଜୁଆଲ୍ ଆଉଟିଂ ହେଉ କିମ୍ବା ଅଫିସ୍‌କୁ ଗଲାବେଳେ ଫ୍ଲୋରାଲ୍ ପ୍ରିଣ୍ଟର ଶାଢ଼ିକୁ ପିନ୍ଧିକି ଗଲେ ଫ୍ରେଶ୍ ଲୁକ୍ ମିଳିଥାଏ।

**ଫ୍ଲୋରାଲ୍ କୁର୍ତ୍ତା:** ଫ୍ଲୋରାଲ୍ ପ୍ରିଣ୍ଟ ଥିବା କୁର୍ତ୍ତା ବି ଖୁବ୍ ସୁନ୍ଦର ଲାଗିଥାଏ। ଏହି କୁର୍ତ୍ତା ସହିତ ମ୍ୟାଚିଂ କଲର୍‌ର ପ୍ଲେନ ଲେଗିଙ୍ଗ୍ସ ପରଫେକ୍ଟ ମ୍ୟାଚ୍ କରିଥାଏ ; ଯାହାକୁ ଅଫିସ୍ ହେଉ କିମ୍ବା ସାଙ୍ଗମାନଙ୍କ ସହ ଆଉଟିଂରେ ଗଲାବେଳେ ପିନ୍ଧିଲେ କମ୍ଫଟେବଲ୍ ଲାଗିଥାଏ। ଅନ୍ୟପକ୍ଷେ ଅନାରକଲି ଷ୍ଟାଇଲ୍‌ର ଫ୍ଲୋରାଲ୍ କୁର୍ତ୍ତାକୁ ପାର୍ଟି, ଫଙ୍କଶନ୍‌କୁ ପିନ୍ଧିକି ଗଲେ ଆକର୍ଷଣୀୟ ଲୁକ୍ ମିଳିଥାଏ।

**ଫ୍ଲୋରାଲ୍ ଫ୍ରକ୍:** ଫ୍ଲୋରାଲ୍ ପ୍ରିଣ୍ଟର ନି ଲେଙ୍ଗ୍‌ଥ ଫ୍ରକ୍ ଆକର୍ଷଣୀୟ ଲୁକ୍ ଦେଇଥାଏ। ଖାସ୍ କରି ଧଳା ରଙ୍ଗର ଫ୍ରକ୍ ଉପରେ ମଲ୍ଟି କଲର୍‌ର ଫ୍ଲୋରାଲ୍ ପ୍ରିଣ୍ଟ ଥିଲେ, ବହୁତ ସୁନ୍ଦର ଦେଖାଯାଇଥାଏ। ବିଶେଷକରି କକ୍‌ଟେଲ୍ ପାର୍ଟି ହେଉ କିମ୍ବା ସାଙ୍ଗମାନଙ୍କ ସହ ଇଭିନିଙ୍ଗ୍ ପାର୍ଟିରେ ଗଲାବେଳେ ଏହି ଟାଇପ୍‌ର ଫ୍ରକ୍ ପିନ୍ଧିଲେ, ଡିଫରେଣ୍ଟ ଲୁକ୍ ମିଳିଥାଏ।



**ଫ୍ଲୋରାଲ୍ ଜିନ୍ସ:** ଜିନ୍ସର ଚାହିଦା ତ ଯୁବପିଢିଙ୍କ ଭିତରେ ସବୁବେଳେ ରହିଆସିଛି। ଖାସ୍‌କରି ଫ୍ଲୋରାଲ୍ ଜିନ୍ସର ଚାହିଦା ଏବେ ଖୁବ୍ ରହୁଥିବାର ଦେଖିବାକୁ ମିଳୁଛି। ବିଶେଷକରି ନୀଳ ରଙ୍ଗର ଜିନ୍ସ ହେଉ କିମ୍ବା କଳା ରଙ୍ଗର ଜିନ୍ସରେ ହୋଇଥିବା ଫ୍ଲୋରାଲ୍ ପ୍ରିଣ୍ଟ ବହୁତ ସୁନ୍ଦର ଲାଗିଥାଏ। କୁହାଯାଏ, ଫ୍ଲୋରାଲ୍ ଜିନ୍ସ ସହ ମ୍ୟାଚିଂ କରି ହାଇ ହିଲ୍ ପିନ୍ଧିଲେ କୁଆଡ଼େ ମଡର୍ନ ଲୁକ୍ ମିଳିଥାଏ।





**ଫ୍ଲୋରାଲ୍ ପ୍ୟାଣ୍ଟ:** କେବଳ ଜିନ୍ସ ନୁହେଁ, ଏବେ ମାର୍କେଟ୍‌ରେ ଅନ୍ୟ ଫ୍ୟାବ୍ରିକ୍‌ର ଫ୍ଲୋରାଲ୍ ପ୍ୟାଣ୍ଟ ବି ମିଳିଲାଣି ; ଯାହା ଦେଖିବାକୁ ଆକର୍ଷଣୀୟ ଲାଗିବା ସହ ପିନ୍ଧିବାକୁ ମଧ୍ୟ କମ୍ଫର୍ଟେବଲ୍ ହୋଇଥାଏ। ସେହିପରି ଏହା ସହିତ ମ୍ୟାଚିଂ ଟି-ଶାର୍ଟ ପିନ୍ଧିଲେ ଲୁକ୍‌କୁ ଏହା ଖୁବ୍ ଭଲ ମାନିଥାଏ।

**ଫ୍ଲୋରାଲ୍ ଫୁଟ୍‌ୱେର୍:** କେବଳ ଆଉଟ୍‌ଫିଟ୍ ନୁହେଁ ଏବେ ଫ୍ଲୋରାଲ୍ ପ୍ରିଣ୍ଟବାଲା ଫୁଟ୍‌ୱେର୍ ବି ମାର୍କେଟରେ ମିଳିଲାଣି ; ଯାହା ଦେଖିବାକୁ ଆକର୍ଷଣୀୟ ଲାଗିବା ସହ ପିନ୍ଧିଲେ ଫ୍ରେଶ୍ ଲୁକ୍ ବି ମିଳିପାରୁଛି।



# ବାଲୁକା କଳାର ଯାଦୁକର


**ବାଲୁକା କଳାରେ ଯେଉଁ କେତେଜଣ ବାଲୁକାଶିଳ୍ପୀ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି, ସେମାନଙ୍କ ମଧ୍ୟରେ ଜଣେ ହେଲେ ସୁବଳ ମହାରଣା। ଯିଏକି ଏହି କଳା ପାଇଁ ଦେଶ ଓ ବିଦେଶରୁ ପାଇଛନ୍ତି ଅନେକ ପୁରସ୍କାର ଓ ସମ୍ମାନ...**




ବାଲୁକା କଳାରେ ଯେଉଁ କେତେଜଣ ବାଲୁକାଶିଳ୍ପୀ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି, ସେମାନଙ୍କ ମଧ୍ୟରେ ଜଣେ ହେଲେ ସୁବଳ ମହାରଣା। ଏହି କଳା ପାଇଁ ତାଙ୍କୁ ରାଜ୍ୟ, ଦେଶ ଓ ବିଦେଶର ବିଭିନ୍ନ କ୍ଷେତ୍ରରୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ କୁହନ୍ତି, ନୟାଗଡ଼ ଜିଲା ଓଡ଼ଗାଁର ଦଳକରେ ଆମଘର। ପିତା ଲଡୁକେଶ୍ୱର, ମା' ସୀତା ଦେଈ। ଘରେ ବାପା ଶାଳରେ ଲୁହାକାମ ଓ ପଥରମିସ୍ତ୍ରି କାମ କରିଥାନ୍ତି। ହେଲେ ସ୍କୁଲ ବୟସରେ ମୁଁ ଚକ୍‌ଖଡ଼ିକୁ ଖୋଦେଇ କରି ବିଭିନ୍ନ କଳାକୃତି ତିଆରି କରୁଥିଲି। ୧୦ମ ପଢିବା ସମୟରେ ମୋ ବାପାଙ୍କ ପରଲୋକ ଘଟିଲା। ଏଥିଯୋଗୁ ମୋ ପଢ଼ା ବନ୍ଦ ହେଇଗଲା। ଘର ଚଳେଇବା ପାଇଁ ରାଜମିସ୍ତ୍ରି ଭାବେ ବିଭିନ୍ନ ସ୍ଥାନକୁ ଯାଉଥିଲି। ତଥାପି ଘର ଚଳେଇବାରେ ବହୁ ଅଭାବ ରହୁଥିଲା। ସମୟକ୍ରମେ ଅଧିକ ରୋଜଗାର ଆଶାରେ ଏକ ମୋଟର ଗ୍ୟାରେଜରେ ରହିଲି। ଏମିତି କିଛିଦିନ ଚାଲିଲା। ୧୯୮୩ ମସିହାର କଥା, ଦିନେ ଘରୁ ଲୁଚିକରି ଭୁବନେଶ୍ୱରକୁ ପଳାଇ ଆସିଲି। କଳ୍ପନାଛକରେ ଶିଳ୍ପୀ ମଧୁ ମହାରଣାଙ୍କ ସହିତ ଦେଖାହେଲା। ତାଙ୍କଠାରୁ ସାଇନବୋର୍ଡ ପାଇଁ ପେଣ୍ଟିଂ କାମ ଶିଖିଲି। କିଛିଦିନ ପରେ ନରେନ୍ଦ୍ର ସାହୁଙ୍କଠାରୁ କିଛି ପେଣ୍ଟିଂ କାମ ବି ଶିଖିଲି। ଏହାପରେ ଫୁଲବାଣୀ ପଳାଇଥିଲି। ଏଠାରେ ଥିବା ଷ୍ଟେଟ୍‌ବ୍ୟାଙ୍କର ଏକ ଶାଖାରେ ମେସେଞ୍ଜର ରୂପେ କାର୍ଯ୍ୟକଲି। ଜି.ଉଦୟଗିରିରେ ରହୁଥିବା ସମୟରେ ଅଧିକ ପଢିବା ପାଇଁ ଚାହିଁଲି ଏବଂ ଶେଷରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିଏ ପାସ୍ କଲି। ସେତେବେଳେ ବିଭିନ୍ନ ସ୍ଥାନରେ ଷ୍ଟେଟବ୍ୟାଙ୍କ ଦ୍ୱାରା ଆୟୋଜିତ ହେଉଥିବା ମେଳା ଦେଖିବାକୁ ଯାଉଥାଏ। ଥରେ ଗୋପାଳପୁର ସି-ବିଚ୍‌ରେ ଏକ ମେଳା ହେଉଥିଲା। ପ୍ରଥମେ ଏଠାରେ ସମୁଦ୍ରର ଓଦାବାଲିକୁ ସାଉଁଟି ଏକ ମହାଦେବଙ୍କ ମୂର୍ତ୍ତି ତିଆରି କରିଥିଲି। ସେତେବେଳେ ଏହି ବାଲୁକା କଳାକୁ ବିଭିନ୍ନ ଖବରକାଗଜ ଓ ଟେଲିଭିଜନରେ ପ୍ରଚାରପ୍ରସାର କରାଯାଇଥିଲା। ଏହା ମତେ ବହୁତ ଖୁସୀ ଦେବା ସହିତ ଉତ୍ସାହିତ କରିଥିଲା। ସେବେଠାରୁ ଆଉ ପଛକୁ ଫେରିନାହିଁ। ବାଲୁକା ଶିଳ୍ପୀଭାବେ ବିଭିନ୍ନ ସମୟରେ ସମାଜର ବିଭିନ୍ନ ଘଟଣାକୁ ନେଇ ଜନସଚେତନତା ଉଦ୍ଦେଶ୍ୟରେ ନାନାପ୍ରକାରର ବାଲୁକା କଳାକୃତି ଗଢ଼ିଆସୁଛି। ଅନ୍ୟପକ୍ଷେ ଏହି କଳାକୃତି ଗଢିବା ପାଇଁ ବ୍ୟାଙ୍କ ତଥା କେତେକ ସଂସ୍ଥା ତରଫରୁ ସୁବ୍ୟବସ୍ଥା କରାଯାଉଛି; ଯାହାଫଳରେ ଦେଶବିଦେଶର ବିଭିନ୍ନ ସ୍ଥାନରେ ବାଲୁକା କଳାର ପ୍ରଦର୍ଶନ ସମ୍ଭବ ହୋଇପାରୁଛି। ଅନେକ ସମୟରେ ଜନସଚେତନତା ଉଦ୍ଦେଶ୍ୟରେ ଯଥା: କରୋନା ମହାମାରୀଠାରୁ ଦୂରେଇବା, ସ୍ୱଚ୍ଛଭାରତ, ଏଡ୍‌ସ ଦିବସ, ବିଶ୍ୱ ମହିଳା ଦିବସ, ଗ୍ଲୋବାଲ ୱାର୍ମିଂ,ପରିବେଶ ସୁରକ୍ଷା, ରକ୍ତଦାନ ସହ ବିଭିନ୍ନ ପର୍ବପର୍ବାଣୀ ଯେମିତିକି ମହାଶିବରାତ୍ରି, ଗଣେଶ ଚତୁର୍ଦ୍ଦଶୀ ଆଦି ସମ୍ପର୍କରେ ବାଲୁକା କଳାକୃତି ପ୍ରଦର୍ଶନ କରାଯାଇଥାଏ। ୟା'ଭିତରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ବାଲୁକା କଳାକୃତି କରିସାରିଛି; ଏଥିପାଇଁ ଶତାଧିକ ସମ୍ମାନ ଓ ପୁରସ୍କାର ମଧ ପାଇସାରଛି। ବାଲୁକା କଳା ପ୍ରଦର୍ଶନ ପାଇଁ ଥାଇଲାଣ୍ଡ ଓ ମାଳଦ୍ୱୀପକୁ ବି ମୁଁ ଯାଇଛି। ଆମ ରାଜ୍ୟର ଚନ୍ଦ୍ରଭାଗାଠାରେ ଆୟୋଜିତ ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନ ମହୋତ୍ସବରେ ଯୋଗଦେଇ ୨ଥର ପ୍ରଥମ ସ୍ଥାନ ଅଧିକାର କରିଛି। ଏପରି କି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରଥମେ ଏକ ୨.୫ ଇଞ୍ଚ ରଥ ପ୍ରଥମେ କରିଥିଲି। ପରେ ଦେଢ ଇଞ୍ଚର ରଥଟିଏ ଓ ପରେ ଅଧା ଇଞ୍ଚର ଲିମ୍ବ, ଚନ୍ଦନ, ତୁଳସୀ, ଗୁଆ ଓ ବେଲ କାଠରେ ତିଆରି ରଥ କରି ୱାର୍ଲ୍ଡ ବୁକ୍ ଅଫ୍ ଷ୍ଟାର ରେକର୍ଡ ଓ ଏସିଆ ବୁକ୍ ଅଫ୍ ରେକର୍ଡ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ, ୱାଣ୍ଡର ଅଫ୍ ଦ ୱାର୍ଲଡ, ଅନ୍ତର୍ଜାତୀୟ ବୁକ୍ ଅଫ ରେକର୍ଡ, ଭାରତ ୱାର୍ଲ୍ଡ ରେକର୍ଡ, ଷ୍ଟାର ଅନ୍‌ଲାଇନ ସାର୍ଟିଫିକେଟ, ଗ୍ଲୋବାଲ ଶାନ୍ତି ସମ୍ମାନ, ଷ୍ଟାର-୨୦୨୦ ସମ୍ମାନ, ରନର୍ ଇଉପିଏସବିଆଇ ଟ୍ୟାଲେଣ୍ଟ ହଣ୍ଟ ଆଦି ସମ୍ମାନ ଓ ପୁରସ୍କାରରେ ପୁରସ୍କୃତ ହୋଇପାରିଛି। ଚେନ୍ନାଇ ଠାରେ ପ୍ରାୟ ୪୭ ଫୁଟ ଲମ୍ବ ଓ ୨୨ଫୁଟ ଉଚ୍ଚତା ବିଶିଷ୍ଟ ପରିବେଶ ସୁରକ୍ଷା ସମ୍ପର୍କରେ ଏକ ବାଲୁକା କଳାକୃତି ତିଆରି କରି ଜନସଚେତନତାର ବାର୍ତ୍ତା ଦେଇଥିଲି। ପୁଣି ରାଜସ୍ଥାନର ଉଦୟପୁରରେ ଆୟୋଜିତ ଶିଳ୍ପୀଗ୍ରାମରେ ଏକ ୨୩ଫୁଟ ବୁଦ୍ଧମୂର୍ତ୍ତି ତିଆରି କରିଥିଲି। ବାଲୁକା କଳା ପାଇଁ ମୋତେ ମିଳୁଥିବା ଟଙ୍କାକୁ ମୁଁ ଅନାଥାଶ୍ରମ, ଜରାନିବାସ ଆଦି ସମାଜର ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ ପାଇଁ ପ୍ରଦାନ କରି ଆନନ୍ଦ ପାଇଥାଏ। ରାଜ୍ୟସ୍ତରୀୟ ପୁରସ୍କାର ଭାବେ ମୁଁ ଭୁବନେଶ୍ୱର ମହୋତ୍ସବ, ଓଡ଼ିଶା ପର୍ଯ୍ୟଟନ ବିଭାଗ, ଭୁବନେଶ୍ୱର ପୁସ୍ତକ ମେଳା, ବ୍ରହ୍ମପୁର ପ୍ରଗତି ମହୋତ୍ସବ, କୁମୁଦ ମହୋତ୍ସବ ଟିଟିଲାଗଡ଼, ପୁରୀ ସି-ବିଚ୍ ଫେଷ୍ଟିଭାଲ ଆଦି ପାଇଥିବାବେଳେ ଜାତୀୟସ୍ତରରେ-ବୈଶାଖୀ ସମ୍ମାନ-୨୦୧୫, ଉତ୍କଳ ଗୌରବ ସମ୍ମାନ, କୋନାସିମା ମହୋତ୍ସବ, ଅମଲାପୁରମ୍, ଶିଳ୍ପୀ ସମ୍ମାନ-ଶିଳ୍ପୀ ଗ୍ରାମ ଉତ୍ସବ ରାଜସ୍ଥାନ, ସର୍ବଭାରତୀୟ ଟ୍ରେଡ୍ ମହୋତ୍ସବ ନୂଆଦିଲ୍ଲୀ, ରାଷ୍ଟ୍ରପ୍ରସାରଣ ପୁରସ୍କାର-୨୦୨୦ ଇନ୍ଦୋର, ଅନ୍ତର୍ଜାତୀୟ କୋଣାର୍କ ବାଲୁକା କଳା ଫେଷ୍ଟିଭାଲ-୨୦୧୨ ଓ ୧୩ ମସିହାରେ ପ୍ରଥମସ୍ଥାନ ଓ ୨୦୧୪ ମସିହାରେ ୨ୟ ସ୍ଥାନ ହାସଲ କରିଥିଲି। ୨୦୦୮ ମସିହାରୁ ଭୁବନେଶ୍ୱର ଷ୍ଟେଟବ୍ୟାଙ୍କର ଜଣେ କର୍ମଚାରୀଭାବେ କାର୍ଯ୍ୟରତ। ତେବେ ବାଲୁକାକଳାରେ ପତ୍ନୀ, ଦୁଇପୁଅ ଓ ଆଉ କେତେଜଣ ଛାତ୍ର ମଧ୍ୟ ସହଯୋଗ କରିଥାନ୍ତି। ଏଥିରେ ଜନସଚେତନତା ସୃଷ୍ଟି ଯୋଗୁ ମତେ ମାନସିକଶାନ୍ତି ମିଳିପାରୁଛି।

**-ବନବିହାରୀ**

















# ଚାରୋଟି ଏକପଦୀ

**-ଭରତ ଚନ୍ଦ୍ର ଦାଶ**

**ଏକ**

**କେ**ମିତି କହିବି ଅବା ବୁଝାଇବି
ପ୍ରୀତି ଯେ ଅବୁଝାପଣ
ଅନୁଭବି ସିନା ଅନୁଭବ କରେ
ଅନନ୍ୟ ପ୍ରୀତିର ଗୁଣ ।

**ଦୁଇ**

ମୁଁ ଜାଣିଛି ତୁମେ କହିବନି କିଛି
ଚିତ୍ର ଚରିତ୍ରରେ ଲେଖା
ଅଧରେ ତୁମର ପୀୟୂଷର ଧାର
ପ୍ରୀତି ପ୍ରଣୟର ରେଖା ।

**ତିନି**

ନିରଳସ ଆଖି ଦେହେ ପ୍ରୀତି ମାଖି
ଅଧରେ ପୀୟୂଷ ଝର
ହୃଦୟର ଭାବ ପଢ଼ିପାର ତୁମେ
କରି ମୋତେ ଆପଣାର ।

**ଚାରି**

ତୁମେ ପଢ଼ିଅଛ ପ୍ରୀତିର ଭୂଗୋଳ
ଜୀବନର ଇତିହାସ
ତନୁ ମନ ପ୍ରାଣ ସମର୍ପି ଦେଇଛ
ପ୍ରଣୟୀ ପ୍ରଣୟେ ଦାସ ।

----XXX---

*-ମାର୍କୋଣା, ବାଲେଶ୍ୱର-୭୫୬ ୧୨୬*
*ମୋ- ୯୪୩୭୩୭୨୧୬୬*



# ଦୂରଦୃଷ୍ଟି

**-ଅଲେଖ ଚନ୍ଦ୍ର ମିଶ୍ର**

**ସେ**ଦିନ ଥିଲା କୃପାକଟାକ୍ଷଙ୍କର ଦେହାନ୍ତ ହେବାର ବାରଦିନ । ସେ ପର୍ଯ୍ୟନ୍ତ ପ୍ରାୟ ଶୂନ୍‌ଶାନ୍ ଥିବା ତାଙ୍କ ଘରଟା ହଠାତ୍ ଚଳଚଞ୍ଚଳ ହୋଇଉଠିଥିଲା । ତାଙ୍କ ତିନିପୁଅ, ମଧ୍ୟସ୍ଥ, ଭଦ୍ରଲୋକ, ସାହି ମୁରବି ସମସ୍ତେ ଏକାଠି ହୋଇଥିଲେ ସେ ଛାଡ଼ିଯାଇଥିବା ସମ୍ପତ୍ତିର ଭାଗବଣ୍ଟା ପାଇଁ । ସମ୍ପତ୍ତି ବୋଇଲେ ମାତ୍ର ଘର ଖଣ୍ଡିଏ । ହେଲେ ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ ଥିବାରୁ ତା'ର ମୂଲ୍ୟ ଥିଲା ଅମୂଲ୍ୟ । ଟଙ୍କା ମିଳିବ, ଜାଗା ମିଳିବ, ଘର ବି ମିଳିବ । ହେଲେ ସେଭଳି ଜାଗା ଆଉ ମିଳିବନି । ତାଙ୍କ ତିନିପୁଅ ଏହା ଭଲ ଭାବରେ ଜାଣିଥିଲେ । ତେଣୁ କେହି ଜଣେ ବି ତାକୁ ହାତଛଡ଼ା କରିବାକୁ ଚାହୁଁ ନ ଥିଲେ । ବଡ଼ପୁଅର ଦାବି ଥିଲା ସେ ପିତାଙ୍କର ଜ୍ୟେଷ୍ଠପୁତ୍ର ହୋଇଥିବାରୁ ଜ୍ୟେଷ୍ଠା ବାବଦକୁ ଘରଟି ତା'ର ପ୍ରାପ୍ୟ । ସାନପୁଅର ବକ୍ତବ୍ୟ ଥିଲା, ସେ ମାଆର କୋଡ଼ପୋଛା ଗେହ୍ଲାପୁଅ ହୋଇଥିବାରୁ ମା'ର ପ୍ରିୟ ଘରଟା ଉପରେ ତା'ର ଅଗ୍ରାଧିକାର । ମଝିଆ ପୁଅର ଯୁକ୍ତି ଥିଲା ଦୁଇଜଣଙ୍କ ମଧ୍ୟରେ ଝଗଡ଼ା ହେଲେ ତୃତୀୟ ପକ୍ଷ ହିଁ ନିର୍ଣ୍ଣାୟକ ହୁଏ । ଅତଏବ ଘରଟି ତା'ର । ଘରଟି ଏପରି ଥିଲା ଯେ ତାକୁ ୩ଭାଗ କରି ହେବ ନାହିଁ । ଯିଏ ନେବ ଜଣେ । ଅଥଚ କେହି କାହାର ହକ୍ ଛାଡ଼ିବାକୁ ନାରାଜ । ବରଂ ତିନିଜଣଙ୍କ ମଧ୍ୟରେ ବାଦାନୁବାଦ ବଢ଼ି ଚାଲିଥାଏ । ଭଦ୍ରଲୋକମାନେ ଆପୋସ ମୀମାଂସା କରିବା ପାଇଁ ନିରୁପାୟ ହୋଇ ପଡୁଥାନ୍ତି । ଦେଖଣାହାରୀମାନେ କୃପାକଟାକ୍ଷଙ୍କୁ ମନେ ପକାଉଥା'ନ୍ତି । ତାଙ୍କ ଜୀବଦ୍ଦଶାରେ ଏଭଳି ଜଟିଳ ସମସ୍ୟାର ସମାଧାନ ସେ ଚୁଟ୍‌କିରେ କରିଦେଉଥିଲେ । ସେଥିପାଇଁ ସେ ଅଞ୍ଚଳରେ ହେଉଥିବା ନ୍ୟାୟ, ନିଶାପ, ମାଲିମକଦ୍ଦମା, ଗଣ୍ଡଗୋଳ, ଝଗଡ଼ା ଇତ୍ୟାଦିରେ ତାଙ୍କୁ ଆଗ ଖୋଜାପଡୁଥିଲା । ମାତ୍ର ଆଶ୍ଚର୍ଯ୍ୟର କଥା ଏତେ ବୁଦ୍ଧିମାନ୍, ବିଚକ୍ଷଣ ଓ ଦୂରଦୃଷ୍ଟିସମ୍ପନ୍ନ ଲୋକ ହୋଇ ବି ନିଜ ପରିବାର ପାଇଁ ଏଭଳି ଅଡୁଆ ଯାହା ଛାଡ଼ିଦେଇଗଲେ ।

ହଠାତ୍ ତାଙ୍କ ଦୁଆରମୁହଁରେ ଅଟକିଲା ଗାଡ଼ିଟିଏ । ତା' ଭିତରୁ ବାହାରି ଆସିଲେ ଜଣେ ଓକିଲ । ବ୍ୟାଗ୍‌ରୁ କିଛି କାଗଜପତ୍ର କାଢ଼ି ସମସ୍ତଙ୍କୁ ଲକ୍ଷ୍ୟକରି କହିଲେ, ''କୃପାକଟାକ୍ଷଙ୍କର ମୃତ୍ୟୁ ଖବର ପାଇ ମୁଁ ଆସିଛି । ମୋ ମାର୍ଫତରେ ରହିଥିବା ତାଙ୍କର ଉଇଲର ସାରାଂଶ ପଢ଼ି ଆପଣମାନଙ୍କୁ ଶୁଣାଇ ଦେଉଛି ।'' x x x x ମୁଁ ରହୁଥିବା ଘର ଖଣ୍ଡିକ ମୋର ସମୁଦାୟ ସମ୍ପତ୍ତି ଯାହାକୁ ମୁଁ ବହୁ କଷ୍ଟରେ ଉପାର୍ଜନ କରିଛି, ମୁଁ ଚାହୁଁଛି ଏଇଟି ମୋର ଯୋଗ୍ୟ ଦାୟାଦ ପାଉ । ମୋର ୩ପୁଅ ଓ ଗୋଟିଏ ଝିଅ ଏ ସମସ୍ତଙ୍କର ଚରିତ୍ରକୁ ଭଲଭାବରେ ଅନୁଧ୍ୟାନ କରି ସମ୍ପୂର୍ଣ୍ଣ ହୋସ୍ ଆବାଜରେ ମୁଁ ଏଇ ନିଷ୍ପତ୍ତି ନେଉଛି ଯେ ଏମାନଙ୍କ ମଧ୍ୟରୁ ଯିଏ ମୋର ଅନ୍ତିମ ସଂସ୍କାରର ଦାୟିତ୍ୱ ସମ୍ପାଦନ କରିବ ସେ ହିଁ ମୋର ଯୋଗ୍ୟ ଦାୟାଦ ଏବଂ ମୋ ଅନ୍ତେ ଏହି ଘରଟିର ସେ ଉତ୍ତରାଧିକାରୀ ହେବ । ଲୋକମାନଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ଖେଳିଯାଉଥିଲା । ସମସ୍ତଙ୍କର ନଜର ପଡୁଥିଲା ଝିଅଟି ଉପରେ । ବିଚରା ଗଲା ୧୧ ଦିନ ଧରି ବାପାଙ୍କର ଶୁଦ୍ଧିକ୍ରିୟାକୁ ଏକା ଏକା ଚଳାଇ ନେଇ ଶାଶୁଘରକୁ ଫେରିଯିବାକୁ ଉପକ୍ରମ କରୁଥାଏ । ତା'ହାତକୁ ଫାଇଲ୍‌ଟାକୁ ବଢ଼ାଇଦେଇ ଓକିଲ କହିଲେ, ''ଏବେ ଏ ଘରର ମାଲିକାନା ଆପଣଙ୍କର ।'' ଲୋକମାନଙ୍କ ଆଖିରେ ଭାସିଉଠୁଥିଲା କୃପାକଟାକ୍ଷଙ୍କର ଦୂରଦୃଷ୍ଟି, ଯାହା ତାଙ୍କୁ ଏଭଳି ପରିସ୍ଥିତି ଉପୁଜିବାର ସଙ୍କେତ ବହୁ ପୂର୍ବରୁ ଦେଇଥିଲା ।

*-ସାରଦାଶ୍ରୀ, ଶାସ୍ତ୍ରୀନଗର, ୟୁନିଟ-୪,*
*ଭୁବନେଶ୍ୱର, ମୋ- ୯୪୩୮୬୭୩୮୯୮*


# ଝିଅ


**-ଶୁଭେନ୍ଦୁ ମହାନ୍ତି**

**ଆ**ପଣାର ମଣିଷକୁ ପର କରି
ଅଜଣା ଅଦେଖା ସମ୍ପର୍କକୁ
ନିଜର କରିବାର
ବଜ୍ର ଶପଥ ନେଇ
ଅତୀତକୁ ଭୁଲିଯାଇ
ବର୍ତ୍ତମାନର ନିଷ୍ଠୁର ବାସ୍ତବତାରେ
ନିଜକୁ ହଜେଇଥିବା
ଏକ ଚାବିଦିଆ ସୁନ୍ଦର କଣ୍ଢେଇ ।

*-ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ,*
*ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା*
*ମୋ- ୯୪୩୭୭୭୫୭୫୭*






ଅର୍ଶଦ ୱାର୍ସି

# ଡବଲ ରୋଲ୍‌ରେ ଅର୍ଶଦ

ହାସ୍ୟାଭିନେତା ଅର୍ଶଦ ୱାର୍ସିଙ୍କ ଗୋଡ ଏବେ ତଳେ ଲାଗୁନି। କାରଣ ତାଙ୍କ ଅଭିନୟ କ୍ୟାରିୟରରେ ସେ ପ୍ରଥମ ଥର ପାଇଁ ଡବଲ ରୋଲ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ଏକ କମେଡି-କ୍ରାଇମ୍ ଫିଲ୍ମ 'ଜୀବନ ବୀମା ଯୋଜନା'ରେ ତାଙ୍କୁ ଏପରି ସୁଯୋଗ ମିଳିଛି। ଏ ନେଇ ଅର୍ଶଦ କହନ୍ତି, 'ଏହି ଭୂମିକାଟି ମୋ ପାଇଁ ଏକ ଚ୍ୟାଲେଞ୍ଜ। ଯେତେବେଳେ ଏ ବିଷୟରେ ଜାଣିଲି ସେ ନେଇ ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଲି। କାରଣ ଗୋଟିଏ ଭୂମିକା ତୁଲାଇବା ସହଜ କଥା ନୁହେଁ। ଏପଟେ ମୋତେ ଡବଲ ରୋଲ୍ ମିଳିଛି। ପୁଣି ଫିଲ୍ମଟିର କାହାଣୀ ଏପରି ଭୂମିକାକୁ ଆଧାର କରି ଗତି କରୁଛି। ଏହାର ନିର୍ଦ୍ଦେଶନା ଦେଉଛନ୍ତି ଅଭିଷେକ ଡୋଗ୍ରା। ସେ ଯେତେବେଳେ ମୋତେ ଏପରି ଭୂମିକା ବିଷୟରେ ସୂଚନା ଦେଲେ ଏ ନେଇ କିପରି ପ୍ରସ୍ତୁତି କରିବି ସେଥିପାଇଁ ମଧ୍ୟ ଟିପ୍ସ ଦେଇଥିଲେ। ଏଥିରେ ମୋର ଗୋଟିଏ ଭୂମିକା ହେଲା ଜୀବନ ଏବଂ ଅନ୍ୟଟି ବୀମା। ଜଣେ ଏଥିରେ କମେଡି କରୁଥିବା ବେଳେ ଆଉ ଜଣେ କ୍ରିମିନାଲ ଭାବରେ ଦେଖାଦେଉଛି। ତେବେ ଶୁଟିଂ ଚାଲିଥିବା ଏହି ଫିଲ୍ମଟିର କ୍ଲାଇମାକ୍ସ କିପରି ହେଉଛି ତାହା କେବଳ ରିଲିଜ ପରେ ହିଁ ଜାଣିପାରିବେ।'


ଦୀପିକା

# ବୁଦ୍ଧିମତୀ ଦୀପିକା

ଯାହା କହନ୍ତୁ ନା କାହିଁକି ଦୀପିକାଙ୍କ ଆଇଡିଆକୁ ମାନିବାକୁ ପଡିବ। ବର୍ତ୍ତମାନ ସେ ଅଭିନୟ କରୁଥିବା ତଥା ଯଶରାଜ ଫିଲ୍ମସ ବ୍ୟାନରରେ ନିର୍ମିତ ହେଉଥିବା 'ପଠାନ୍'ର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ଏହାର ୟୁନିଟ୍ ସ୍ପେନ୍‌ରେ ଅଛି, କାରଣ ସେଠାରେ ଏହାର ଗୀତର ଶୁଟିଂ ହେଉଛି। ଏହି ସମୟରେ ଦୀପିକାଙ୍କର କେତେ ଜଣ ପ୍ରଶଂସକ ତାଙ୍କୁ ଭେଟିବାକୁ ଚାହିଁଥିଲେ। ଏ ସମ୍ପର୍କରେ ଦୀପିକା କହନ୍ତି, 'ଶଟ୍ ଦେବା ପୂର୍ବରୁ ମୋର କେତେ ଜଣ ପ୍ରଶଂସକ ମୋତେ ଭେଟିବାକୁ ଚାହୁଁଥିଲେ। ହେଲେ ସ୍ପଟବୟଙ୍କ ଦ୍ୱାରା ସେମାନଙ୍କୁ ଅପେକ୍ଷା କରିବାକୁ ଖବର ପଠାଇଥିଲି। ଶୁଟିଂ ପରେ ମୁଁ ସେମାନଙ୍କ ପାଖକୁ ଯାଇ ଭେଟିଥିଲି। ସେମାନଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ ମଧ୍ୟ କରିଥିଲି।' ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ ଏହି ଫିଲ୍ମର ନାୟକ ସାଜିଛନ୍ତି ଶାହରୁଖ ଖାଁ। ନିର୍ଦ୍ଦେଶନା ଦେଇଛନ୍ତି ସିଦ୍ଧାର୍ଥ ଆନନ୍ଦ। ଫିଲ୍ମଟି ଆସନ୍ତା ବର୍ଷ ଜାନୁୟାରୀ ୨୫ରେ ରିଲିଜ ହେବାର ଯୋଜନା ରହିଛି।

# ଆଇ ଆମ କାଳିଆ

ଜଗତର ନାଥ ଜଗନ୍ନାଥ। ତାଙ୍କର ମହିମା ଅପାର। ତାଙ୍କ କୃପାରୁ ସେବାୟତ ପରିବାରରେ ଜନ୍ମିତ ଜଣେ ପିଲାକୁ ଜଗନ୍ନାଥଙ୍କ ସେବା କରିବାର ସୁଯୋଗ ମିଳିଛି। ହେଲେ ତାହାର ଇଚ୍ଛା ସେ ସବୁଦିନ ତାଙ୍କର ସେବା କରନ୍ତା। ଏସବୁ ଭିତରେ ତା' ଜୀବନରେ ଏକ ଘଟଣା ଘଟିଛି। ଜଣେ ବିଦେଶିନୀ ପ୍ରେମରେ ପଡିଯାଇଛି ସେ। ଆଉ ତା'ପରେ ? ସେହି ସେବକ କେଉଁ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହେଉଛି ଆଉ ତାହାର ପ୍ରେମ ସଫଳ ହେଉଛି କି ନାହିଁ ତାହାକୁ ନେଇ କାହାଣୀ ଗତିଶୀଳ। ଏପରି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା 'ଆଇ ଆମ କାଳିଆ-ଲଭ୍ ଅର୍ ଡିଭୋସନ୍'ର ଶୁଟିଂ ନିକଟରେ ଆରମ୍ଭ ହୋଇଯାଇଛି। ଡା. ମୋନାଲିସା ମହାପାତ୍ର କାହାଣୀ ରଚନା କରିଛନ୍ତି। ଖାସ୍ କଥା ହେଲା, ହାସ୍ୟାଭିନେତା ହରିହର ମହାପାତ୍ର ଏହାର ଚିତ୍ରନାଟ୍ୟ ରଚନା କରିବା ଏବଂ ନିର୍ଦ୍ଦେଶନା ଦେବା ସହ ଏହି ଫିଲ୍ମର ନାୟକ ସାଜିଛନ୍ତି ଆଉ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ତୁର୍କମେନିସ୍ତାନ ସୁନ୍ଦରୀ ଆନା ବର୍ଣ୍ଣୋଭା। ଲି ବ୍ଲିସ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା ସୁବାସ ସାହୁ କରିଛନ୍ତି ଏବଂ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ।


ହରି

# ଭିଡିଓ ଜକିରୁ ନାୟିକା

କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ ଦୁଇ ଜଣ ନାୟିକା ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିଥିଲେ। ଜଣେ ହେଲେ ଅନନ୍ୟା ପାଣ୍ଡେ, ଆଉ ଜଣେ ହେଉଛନ୍ତି ତାରା ସୁଟାରିଆ। ହେଲେ ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ତାରା ଜଣେ ଭିଡିଓ ଜକି ଭାବରେ କାମ କରୁଥିଲେ। ତା'ପରେ ଛୋଟ ପରଦାରେ କେତୋଟି ରିୟାଲିଟି ଶୋ'ରେ ତାଙ୍କୁ ଦେଖିବାକୁ ମିଳିଥିଲା। ପରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତେବେ ତିନି ବର୍ଷର କ୍ୟାରିୟର ଭିତରେ ତାରା ମାତ୍ର ତିନୋଟି ସିନେମାରେ ଅଭିନୟ କରିଛନ୍ତି। ତଥାପି ନିଜ କ୍ୟାରିୟରକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏହି ନବାଗତା। ଏ ସମ୍ପର୍କରେ ତାରା କହନ୍ତି, 'ଏ ପର୍ଯ୍ୟନ୍ତ ବଡ ପରଦାରେ ମାତ୍ର ତିନୋଟି ସିନେମାରେ ଆକ୍ଟିଂ କରିଛି। ଅବଶ୍ୟ ଭୂମିକା ପସନ୍ଦ ନ ହେବାରୁ କେତୋଟି ଅଫରକୁ ହାତଛଡା କରିଛି। ଚଳିତ ବର୍ଷ ଟାଇଗର ଶ୍ରଫଙ୍କ ସହ ଅଭିନୟ କରିଥିବା 'ହିରୋପନ୍ତୀ-୨' ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମକୁ ନେଇ ମୁଁ ବେଶ୍ ଆଶା ରଖିଛି। ଏବେ ଶୁଣିବାକୁ ମିଳୁଛି ଯେ, ମୁଁ କୁଆଡେ ଏକ ଫିଲ୍ମ ପାଇଁ ପାରିଶ୍ରମିକ ବଢ଼ାଇ ଦେଇଛି। ହେଲେ ଏକଥା ଆଦୌ ସତ ନୁହେଁ। ଏହି ଫିଲ୍ମରେ ମୁଁ କେତୋଟି ବୋଲ୍ଡ ଶଟ୍ ଦେବାର ଅଛି। ଆଉ ସେଥିପାଇଁ ମୋତେ ସ୍ପେଶାଲ ପାରିଶ୍ରମିକ ମିଳୁଛି ବୋଲି ଯାହା ଆଲୋଚନା ହେଉଛି ତାହା ଆଦୌ ସତ ନୁହେଁ।'


ତାରା ସୁତାରିଆ


ମାଧୁରୀ

# ମାଧୁରୀଙ୍କ ନୂଆ ଅବତାର

ଦିନ ଥିଲା ମାଧୁରୀ ଦୀକ୍ଷିତ ବଲିଉଡ୍‌ରେ ରାଜ୍ କରୁଥିଲେ। 'ତେଜାବ' ଫିଲ୍ମରେ ତାଙ୍କର 'ଏକ ଦୋ ତିନ୍..' ଗୀତ ଏବେ ବି ଯୁବପିଢ଼ୀଙ୍କ ମନରେ ସତେଜ ହୋଇ ରହିଛି। ବେଶ୍ କେତୋଟି ସିନେମାରେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେବା ସହ ଦର୍ଶକଙ୍କ ହୃଦୟରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ ଏହି ଅଭିନେତ୍ରୀ। ହେଲେ ବିବାହ ପରେ ସେ ପ୍ରାୟ ଅଭିନୟଠାରୁ ଦୂରେଇ ଯାଇଥିଲେ। କିନ୍ତୁ ଏଇ କିଛିବର୍ଷ ହେବ ସେ ପୁଣି ଥରେ ଅଭିନୟକୁ ଏଣ୍ଟ୍ରି କରିଛନ୍ତି। ଏବେ ସେ ଏକ ଅନଟାଇଟଲ ଫିଲ୍ମରେ ଏକ ଭିନ୍ନ ଗେଟଅପ୍‌ରେ ବି ଆସୁଛନ୍ତି। ଏପରି କି ଏଥିରେ ତାଙ୍କୁ ଆକ୍ସନ ଅବତାରରେ ମଧ୍ୟ ଦେଖିବାକୁ ମିଳିବ। ଏ ନେଇ ମାଧୁରୀ କହନ୍ତି, 'ଜଣେ ନାରୀକୁ ଅବଳା ଭାବିବା ଠିକ୍ ନୁହେଁ। ତା'ଠାରେ ଶତ ସିଂହର ବଳ ଲୁଚି ରହିଛି। ନାରୀ ଚାହିଁଲେ ପ୍ରତିଟି ବିପଦକୁ ସାହସର ସହ ସାମନା କରିପାରିବ। ଜଣେ ନାରୀ ସମାଜରେ ଅପମାନିତ ହେବା ପରେ କିପରି ନିଜକୁ ଠିକ୍ ବୋଲି ପ୍ରମାଣିତ କରିଛି ତାହା ଏହି ସିନେମାରେ ଦର୍ଶକ ଦେଖିବାକୁ ପାଇବେ। ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଭଲ ପାଏ। ଏହି ରୋଲ୍ ପାଇଁ ମୋତେ ଟିକେ ସ୍ପେଶାଲ ପରିଶ୍ରମ କରିବାକୁ ପଡିବ। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ତେବେ ମାଧୁରୀଙ୍କର ଏହି ନୂଆ ଅବତାର ଦର୍ଶକଙ୍କୁ କେତେ ଏଣ୍ଟରଟେନ କରୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

# ଇମୋଶନାଲ ଶ୍ରୀନିଧି

ମଡେଲରୁ ନାୟିକା ସାଜିଥିବା ଶ୍ରୀନିଧି ସେଟ୍ଟିଙ୍କୁ ନେଇ ଏବେ ଚର୍ଚ୍ଚା। କାରଣ ତାଙ୍କୁ ଏବେ ଚର୍ଚ୍ଚିତ ଫିଲ୍ମ 'କେ.ଜି.ଏଫ: ଚାପ୍ଟର-୨'ରେ ସାମିଲ କରାଯାଇଛି। ଅବଶ୍ୟ ଏହାପୂର୍ବରୁ ତାଙ୍କୁ 'କେ.ଜି.ଏଫ: ଚାପ୍ଟର ୧'ରେ ଏହାର ନାୟକ ୟଶଙ୍କ ସହ ଦେଖିବାକୁ ମିଳିଥିଲା। ଶ୍ରୀନିଧି ଯେବେ ଜାଣିଲେ କେ.ଜି.ଏଫ୍ ଚାପ୍ଟର-୨ରେ ବି ତାଙ୍କୁ ସାମିଲ କରାଯାଇଛି ସେ ଇମୋଶନାଲ ହୋଇପଡିଥିଲେ। ଏପରିକି ତାଙ୍କ ଆଖିରୁ ଦୁଇ ଟୋପା ଲୁହ ଗଡି ପଡିଥିଲା। ଏ ନେଇ ଏକ ସାକ୍ଷାତକାର ଦେବା ସମୟରେ ତାଙ୍କୁ ଏପରି ଭାବପ୍ରବଣ ହେବାର ଦେଖିବାକୁ ମିଳିଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ତାଙ୍କ ପାଟିରୁ କଥା ବାହାରି ନ ଥିଲା। ଏ ନେଇ ଶ୍ରୀନିଧି କହନ୍ତି, 'ମୋତେ ଯେ 'କେ.ଜି.ଏଫ: ଚାପ୍ଟର-୨'ର କାଷ୍ଟିଂରେ ସାମିଲ କରାଯିବ ତାହା ମୁଁ ପ୍ରଥମେ ବିଶ୍ୱାସ କରିପାରି ନ ଥିଲି। 'କେ.ଜି.ଏଫ: ଚାପ୍ଟର ୧' ହିଟ୍ ହେବା ପରେ ଏହାର ସିକୁଏଲ ନିର୍ମାଣ ଜାରି ରହିଛି। ଇତି ମଧ୍ୟରେ ଏହାର ପାର୍ଟ-୨ର ଶୁଟିଂ ସହ ସମସ୍ତ କାମ ଶେଷ ହୋଇଛି।' ଫିଲ୍ମଟି କେବଳ ହିନ୍ଦୀ ନୁହେଁ, ତେଲୁଗୁ, ତାମିଲ, ମାଲାୟାଲମ ଭାଷାରେ ମଧ୍ୟ ନିର୍ମିତ ହୋଇଛି। ବିଜୟ କିରାଗାନ୍ଦୁର ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଶାନ୍ତ ନୀଲ। ଏଥିରେ ଶ୍ରୀନିଧିଙ୍କ ବ୍ୟତୀତ ୟଶ, ସଞ୍ଜୟ ଦତ୍ତ, ରବୀନା ଟଣ୍ଡନ, ଅର୍ଚ୍ଚନା ଜୋୟଶ ଏବଂ ପ୍ରକାଶ ରାଜଙ୍କୁ ମଧ୍ୟ ଦେଖିବାକୁ ମିଳିବ। ହୋମେବୁଲ୍ ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ଚିତ୍ରରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ରବି ବଂଶ୍ରୁର। ଚଳିତ ମାସ ୧୪ ତଥା ପଣା ସଂକ୍ରାନ୍ତି ଅବସରରେ ଏହା ପରଦା ଉପରକୁ ଆସିବାର ଯୋଜନା ରହିଛି। ଶ୍ରୀନିଧିଙ୍କର ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା ସୁପରହିଟ୍ କନ୍ନଡ ଫିଲ୍ମ 'କେ.ଜି.ଏଫ: ଚାପ୍ଟର ୧'ରୁ। ୟଶଙ୍କ ଅପୋଜିଟ୍‌ରେ ଏହି ଫିଲ୍ମଟି ତାଙ୍କୁ ରାତାରାତି ନାୟିକା ଦୌଡରେ ସାମିଲ କରିଥିଲା। ଏହାପୂର୍ବରୁ ସେ ମଡେଲିଂ ସହ ଜଡିତ ଥିଲେ। ମାଛ ଖାଇବାକୁ ସେ ଭାରି ଭଲ ପାଆନ୍ତି।


ଶ୍ରୀନିଧି

ପ୍ରଥମ ରୋଜଗାର

# ମା'ଙ୍କୁ ଶାଢ଼ି ଓ ବାପାଙ୍କୁ ଧୋତି, କୁର୍ତ୍ତା ଦେଇଥିଲି



ନବରଙ୍ଗପୁର ଡିଏସ୍‌ପି ତଥା ପ୍ରାବନ୍ଧିକ ଓ ସମାଲୋଚକ ଚନ୍ଦ୍ରଶେଖର ହୋତା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ବଲାଙ୍ଗିର ଜିଲାର ଗୁରୁଜିଭଟା ଗାଁରେ ମୋ ଜନ୍ମ। ମା'ବାପାଙ୍କର ମୁଁ ଥିଲି ବଡ଼ ପୁଅ। ବାପା ସୋନପୁରରେ ରହି ଶିକ୍ଷକତା କରୁଥିବାରୁ ମୋର ପାଠପଢ଼ା ସେହିଠାରେ ଆରମ୍ଭ ହୋଇଥିଲା। ସ୍ଥାନୀୟ ଭୀମଟିକିରା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରୁ ଦଶମ ପାସ୍ କରିବା ପରେ ସମ୍ବଲପୁର ଜି.ଏମ୍. କଲେଜରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ପଢିଥିଲି। ତା'ପରେ ହାଇଦ୍ରାବାଦ୍ ସେଣ୍ଟ୍ରାଲ୍ ୟୁନିଭର୍ସିଟିରେ ପଲିଟିକାଲ୍ ସାଇନ୍ସରେ ପି.ଜି କଲି। ପି.ଜି ପରେ ନୂଆ ଦିଲ୍ଲୀସ୍ଥିତ ଜୱାହରଲାଲ୍ ନେହେରୁ ୟୁନିଭର୍ସିଟିରେ ବିବେକାନନ୍ଦଙ୍କ ଦର୍ଶନ ଉପରେ ଏମ୍.ଫିଲ୍ କରିଥିଲି। ଆଉ ସେହି ସମୟରେ ହିଁ ନିଜ ହାତଖର୍ଚ୍ଚ ଉଠାଇବା ପାଇଁ ସ୍ଥାନୀୟ ଏକ କଲେଜରେ ଚୁକ୍ତି ଭିତ୍ତିକ ଅଧ୍ୟାପକ ଭାବେ କାମ କରିବା ସହ ସେଠାକାର ଏକ ନ୍ୟୁଜ୍ ଚ୍ୟାନେଲରେ ମଧ୍ୟ ଟ୍ରାନ୍ସଲେଟର୍ ଭାବେ କାମ କରିବାକୁ ଲାଗିଲି। ଏମିତି ଏମିତିରେ ଏମ୍.ଫିଲ୍ ସରିଗଲା। ତା'ପରେ ପି.ଏଚ୍‌ଡି କାମ ଆରମ୍ଭ କରିଦେଲି। ପି.ଏଚ୍.ଡିର ଦ୍ୱିତୀୟ ବର୍ଷ ଚାଲିଥିଲାବେଳେ ମୁଁ ଓଏଏସ୍ ପରୀକ୍ଷା ଦେଇଥିଲି। ସେଥିରେ କୃତକାର୍ଯ୍ୟ ହେବାରୁ ପି.ଏଚ୍.ଡି ପଢା ଅଧାରୁ ଛାଡି ଓଡ଼ିଶା ଫେରିଆସିଲି ଆଉ ଓଡ଼ିଶା ଅର୍ଥସେବା ବିଭାଗରେ ବାଣିଜ୍ୟ କର ଅଧିକାରୀ ଭାବେ କଟକ ହେଡ୍‌କ୍ୱାଟର୍‌ରେ ୧୭ ଅକ୍ଟୋବର, ୨୦୧୦ରେ ଜଏନ୍ କଲି। ସେଠାରେ ୮/୧୦ ଦିନ ରହିବା ପରେ ମୋର ରାଉରକେଲା ବଦଳି ହେଲା। ଦେଢମାସ କାମ କରିବା ପରେ ମୋତେ ପ୍ରଥମ କରି ୫୪ ହଜାର (ମାସକର ଦରମା ୩୬ ହଜାର ଆଉ ଅଧ ମାସର ଦରମା ୧୮ ହଜାର) ଟଙ୍କା ଦରମା ମିଳିଲା ; ସେଥିରେ ମୋ ମା'ଙ୍କ ପାଇଁ ଗୋଟିଏ ପାଟ ଶାଢ଼ି ଓ ଏକ ନୂଆ ଓଡ଼ିଆ ଭାଗବତ ଗୀତା, ବାପାଙ୍କ ପାଇଁ ଧୋତି, କୁର୍ତ୍ତା ଏବଂ ଘର ପାଇଁ ଫ୍ରିଜ୍, ସୋଫା, ଡାଇନିଂ ଟେବୁଲ୍‌ଟିଏ କିଣିଥିଲି। ୨୦୧୬ ଯାଏଁ ରାଉରକେଲାରେ କାମ କରିବା ପରେ ଆଉ ଥରେ ଓଏଏସ୍ ପରୀକ୍ଷା ଦେଲି। ସେଥିରେ ଆଉ ଟିକେ ଭଲ ର୍‍ୟାଙ୍କ ମୋର ରହିଲା। ଓଏଏସ୍ ଅଫିସର୍ ଭାବେ ଜଏନ୍ କରିପାରିଥାନ୍ତି କିନ୍ତୁ ମୁଁ ଯେହେତୁ ଫାଷ୍ଟ ଅପ୍ସନରେ ଓଡ଼ିଶା ପୋଲିସ୍ ସର୍ଭିସ୍ ରଖିଥିଲି ତେଣୁ ୨୦୧୬ ଏପ୍ରିଲରେ ଡିଏସ୍‌ପି ଭାବେ ମୋତେ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ୍ ଏକାଡେମୀରେ ଟ୍ରେନିଂରେ ନିଯୁକ୍ତି ଦିଆଗଲା। ବର୍ଷେ ପରେ ଫୁଲବାଣୀରେ ମଧ୍ୟ କିଛିଦିନ ଫିଲ୍ଡ ଟ୍ରେନିଂରେ ରହିଲି। ତା'ପରେ ଅଢେଇ ବର୍ଷ ରାୟଗଡ଼ାରେ ଡାଇରେକ୍ଟ ଡିଏସ୍‌ପି ପଦବୀରେ କାମ କଲି। ଆଉ ଏବେ ମୁଁ ନବରଙ୍ଗପୁର ଡିଏସ୍‌ପି ଭାବେ ନିଜର କର୍ତ୍ତବ୍ୟ ପାଳନ କରୁଅଛି। ଚାକିରୀ ଜୀବନବାଦ୍ କବିତା, ଗଳ୍ପ, ପ୍ରବନ୍ଧ, ସମାଲୋଚନା ମୂଳକ ଲେଖା ଲେଖିବାରେ ମୋର ବିଶେଷ ରୁଚି ରହିଛି। ଯା' ଭିତରେ 'ଚେତନାର ଅନ୍ୱେଷଣ' ଏବଂ 'କଳ୍ପନା, ଅନୁଭବ ଓ ସାହିତ୍ୟ' ନାମରେ ଦୁଇଟି ପ୍ରବନ୍ଧ ପୁସ୍ତକ ମୋର ପ୍ରକାଶିତ ହୋଇସାରିଛି। ଏପରିକି 'ଚେତନାର ଅନ୍ୱେଷଣ' ପୁସ୍ତକଟି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ପାଇସାରିଛି। କେବଳ ସେତିକି ନୁହେଁ, ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ 'ଗାନ୍ଧୀ ଚର୍ଚ୍ଚା' ନାମକ ପୁସ୍ତକଟିକୁ (ଯାହାକି ଦୁଇଟି ଭଲ୍ୟୁମ୍‌ରେ ବାହାରିଛି) ବିଶିଷ୍ଟ ସାହିତ୍ୟିକ ଅରବିନ୍ଦ ପଟ୍ଟନାୟକ ଓ ଦାଶ ବେନହୁରଙ୍କ ସହ ମିଶି ସମ୍ପାଦନା କରିବାର ସୌଭାଗ୍ୟ ବି ମୁଁ ଲଭିଛି। ଏସବୁବାଦ୍ ଯା'ଭିତରେ ମୁଁ ସମ୍ବଲପୁର ଜି.ଏମ୍. ୟୁନିଭର୍ସିଟିରେ 'ରିପ୍ରେଜେଣ୍ଟେସନ୍ ଅଫ୍ ହିନ୍ଦୁଇଜିମ୍ ବାଏ ବିବେକାନନ୍ଦ କେନ୍ଦ୍ର: ଏ କ୍ରିଟିକାଲ୍ ଆପ୍ରାଇଜାଲ୍' ଟପିକ୍ ଉପରେ ଥେସିସ୍ ଲେଖି ପେପର୍ ହସ୍ତାନ୍ତର ମଧ୍ୟ କରିସାରିଛି। ଅପେକ୍ଷା ରହିଛି କେବଳ ଡିଗ୍ରୀ ହାସଲ କରିବାକୁ।

*–ଅସ୍ମିତା*

ସାଥୀ

# ଘଡିଏ ଛାଇ ଘଡିଏ ଖରା, ଫୁଲେଇ ସୁନ୍ଦରୀ ନ ଦିଏ ଧରା



**ପ୍ରଶ୍ନ–**ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ସେ ଯେତେବେଳେ ମୋତେ ଦେଖୁଛି ହସି ଦେଉଛି, ହେଲେ ମୋତେ ଧରା ଦେଉନି। ଏମିତି ଲୁଚକାଳି ଖେଳରେ ପ୍ରେମ ଲୁଚି ରହିଛି କି ?

*–ଅଜିତ ରାଉତ, କେନ୍ଦ୍ରାପଡା*

**ଉତ୍ତର:** ପ୍ରେମର ପହିଲି ପୁଲକ ମନକୁ ମତୁଆଲା କରିଦିଏ। ସେତେବେଳେ ଜଣକୁ ସେ ନିଶା ଏମିତି ଘାରେ ଯେ, ଭଲମନ୍ଦ ବିଚାର କରିବାକୁ ତା' ନିକଟରେ ସମୟ ନଥାଏ। ତଥାପି ସେହି ସୁନ୍ଦରୀ ଆପଣଙ୍କୁ ଦେଖି ହସି ଦେଉଛି, ହେଲେ ଧରା ଦେଉନି। 'ଘଡିଏ ଛାଇ ଘଡିଏ ଖରା, ଫୁଲେଇ ସୁନ୍ଦରୀ ନ ଦିଏ ଧରା।' ବାସ୍ ସେହି ସୁନ୍ଦରୀର ହସକୁ ଭଲ ଭାବରେ ତର୍ଜମା କରନ୍ତୁ। ହୁଏତ ତା' ଇସାରାରେ କେଉଁଠି କେଉଁଠି ପ୍ରେମ ଲୁଚି ରହିଛି। କାମଟିକୁ ଯେତେ ଶୀଘ୍ର କରିବେ ସେତେ ଭଲ। ନ ହେଲେ ମନ ପରା ଅମାନିଆ। ପୁଣି ସେଥିରେ ପ୍ରେମର ଡେଣା ଲାଗିଛି। କେତେବେଳେ ଯେ ଆପଣଙ୍କୁ ଗୁଡବାୟ କରି ଆଉ କାହା ମନରେ ବସା ନ ବାନ୍ଧିବ, ତାହାର ଗ୍ୟାରେଣ୍ଟି କିଏ ଦେବ !

**ପ୍ରଶ୍ନ–**ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାକୁ ଗ୍ରହଣ କରିବ ତ ?

*–ସୁକାନ୍ତ ଦାସ, ନୟାଗଡ*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି ଆପଣ ବୋଧହୁଏ ସେହି ଝିଅକୁ ଏକତରଫା ଭଲ ପାଉଛନ୍ତି। ସେପଟୁ ଯଦି ଗ୍ରୀନ୍ ସିଗନାଲ ନାହିଁ ତେବେ ସେଭଳି ପ୍ରେମରେ ଆଗେଇଲେ ପ୍ରେମ ପାଣିଚିଆ ହୋଇଯିବାର ଯଥେଷ୍ଟ ଚାନ୍ସ ରହିଛି। ଯଦି ଆପଣ ମାଇଣ୍ଡ ମେକଅପ କରିଛନ୍ତି ଯେ ସେହି ଝିଅକୁ ଆପଣଙ୍କ ପ୍ରେମିକା ସଜାଇବେ ତେବେ ପାଣିପାଗକୁ ଦେଖିତାହିଁ ଆଗାନ୍ତୁ। ଏହି ସମୟରେ ମନରେ କୌଣସି ନକରାତ୍ମକ ଚିନ୍ତାଧାରା ଯେମିତି ଉଦୟ ନ ହୁଏ ସେଥିପ୍ରତି ନଜର ଦିଅନ୍ତୁ। ମନରେ ସାହସ ଜୁଟାଇ ତାକୁ ନିଜ ମନ କଥା କୁହନ୍ତୁ। ଯଦି ତାଙ୍କ ମନ ସହ ଆପଣଙ୍କ ମନ ସେଟ୍ ହୋଇଗଲା ତେବେ କେବଳ ଧାଡି ଦେଖି ଆଗକୁ ମାଡିଯିବା କଥା।

**ପ୍ରଶ୍ନ–**ମୋ ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ମୁଁ ଏବେ କ'ଣ କରିବି ?

*–ପ୍ରମୋଦ ନାୟକ, ଢେଙ୍କାନାଳ*

**ଉତ୍ତର:** ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଏବେ ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେହି ପ୍ରେମ ସ୍ୱାଦହୀନ, ରଙ୍ଗହୀନ ହୋଇଯାଇଛି। ତାକୁ ଯେତେ ରଙ୍ଗ ଲେପିଲେ ତାହା ପ୍ରଥମ ଅବସ୍ଥାକୁ ଆସିବ ନାହିଁ। କେବଳ ମରିଚିକା ପଛରେ ଧାଇଁବା ସାର। ଯଦି ଆପଣଙ୍କ ପ୍ରେମ ମୃତ ପ୍ରାୟ, ତେବେ ତାହା ଉପରେ ଆଉ ଭରସା ରଖନ୍ତୁ ନାହିଁ। ତାକୁ ଯେତେଶୀଘ୍ର 'ଦି ଏଣ୍ଡ କରିଦେବେ ତାହା ଆପଣଙ୍କ ପାଇଁ ଭଲ ହେବ।

**ପ୍ରଶ୍ନ–**ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ?

*–ଚନ୍ଦନ, ଭୁବନେଶ୍ୱର*

**ଉତ୍ତର:** କଥାରେ ପରା ଅଛି–ପ୍ୟାର୍ କା ଲଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ପ୍ରେମର ନିଶା ମନରେ ଥରେ ଚଢ଼ିଲେ ତାହା ଉତୁରିବା ସହଜ ନୁହେଁ। କିନ୍ତୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।




# ଅଜବ ବସ୍



**ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇଥାଏ ବସ୍। ଅଧିକ ଯାତ୍ରୀ ବେଶ୍ ଆରାମ୍‌ରେ ଓ ଅପେକ୍ଷାକୃତ କମ ମୂଲ୍ୟରେ ଯାତାୟତ କରିପାରୁଥିବାରୁ ବସ୍ ସାଧାରଣ ଲୋକଙ୍କର ବେଶ୍ ପ୍ରିୟ। ତେବେ ଏମିତି ବି କିଛି ବସ୍ ଅଛି, ଯାହା ତା'ର ଅଜବ ବୈଶିଷ୍ଟ୍ୟ ଓ ଆକାର ପାଇଁ ବେଶ୍ ଚର୍ଚ୍ଚିତ ହୋଇପାରିଛି। ଜାଣନ୍ତୁ ସେହି ବସ୍ ସମ୍ପର୍କରେ...**





**ଲମ୍ବା ବସ୍:** ଏଇ ବସ୍‌କୁ ଦେଖିଲେ କିଛି ସମୟ ପାଇଁ ଲାଗିବ ଏହା ବସ୍ ନୁହେଁ ବରଂ ଏକ ଟ୍ରେନ୍। କାରଣ ଉକ୍ତ ବସ୍‌ର ପଛକୁ ପଛ ଲମ୍ବି ରହିଛି ୫ଟି କମ୍ପାର୍ଟମେଣ୍ଟ। ଏହାର ମୂଲ୍ୟ ୩୦୦ହଜାର ଡଲାର। ଏଥିରେ ୩୮୦ ଜଣ ବସିବାର ସୁବିଧା ରହିଛି। ତେବେ ଅଧିକ ଲମ୍ବା ହୋଇଥିବାରୁ ବସ୍‌କୁ ପାର୍କ କରିବା ପାଇଁ ଜାଗାର ଅଭାବ ଦେଖାଯାଏ। ଚାଇନାର କିଙ୍ଗ ଲଙ୍ଗ କମ୍ପାନୀ ଏହାକୁ ତିଆରି କରିଛି।

**ବସ୍-ଟ୍ରେନ୍:** ନିକଟରେ ଜାପାନରେ ଏମିତି ଏକ ବସ୍ ଉନ୍ମୋଚନ ହୋଇଛି ଯାହା ସମସ୍ତଙ୍କୁ ଚକିତ କରିଦେଇଛି। କାରଣ ଏହି ବସ୍ ରାସ୍ତାରେ ତ ଚାଲିପାରେ ତା'ସହ ରେଳ ଟ୍ରାକ ଉପରେ ଟ୍ରେନ ପରି ମଧ୍ୟ ଯାଇପାରେ। ଜାପାନର କାଇୟୋରେ ଉକ୍ତ ବସ୍-ଟ୍ରେନ୍‌ର ହାଇବ୍ରିଡ ପ୍ରଦର୍ଶିତ ହୋଇଥିଲା। ବସ୍‌ଟି ଦେଖିବାକୁ ଆକର୍ଷକ ନ ହେଲେ ହେଁ ଏହାର ବୈଶିଷ୍ଟ୍ୟ ସମସ୍ତଙ୍କ ମନ ଜିଣି ନେଇଥିଲା। ଏହା ନିଜର ରବର ଟାୟର ସହାୟତାରେ ରାସ୍ତା ଉପରେ ଚାଲିପାରେ। ଆଉ ଏହାର ଟ୍ରେନ୍ ମୋଡକୁ ଅନ୍ କଲେ ଲୁହାର ଚକ ଆପେ ବାହାରିଆସେ ଓ ରବର ଚକ ଉପରକୁ ଉଠିଯାଏ। ଫଳରେ ଏହା ରେଳ ଟ୍ରାକ୍‌ରେ ବି ଚାଲିପାରେ। ରୋଡ୍ ମୋଡ୍‌ରୁ ଟ୍ରେନ୍ ମୋଡ୍‌କୁ ଆସିବା ପାଇଁ ସମୟ ମାତ୍ର ୧୫ ସେକେଣ୍ଡ ଲାଗିଥାଏ। ଏହି ଡୁଆଲ ମୋଡ ଭେଇକଲ୍ ନିଶ୍ଚିତଭାବେ ଏକ ଭଲ ପବ୍ଲିକ ଟ୍ରାନ୍ସପୋର୍ଟ। ଏହା ଡିଜେଲ ଚାଳିତ ଏବଂ ବିଭିନ୍ନ ରଙ୍ଗରେ ଉପଲବ୍ଧ ହେବ। ଏକାଥରେ ୨୧ ଜଣ ଯାତ୍ରୀଙ୍କୁ ଘଣ୍ଟା ପ୍ରତି ୬୦ କି.ମି ବେଗରେ ଟ୍ରେନ୍ ମୋଡ୍‌ରେ ଓ ବସ୍ ମୋଡ୍‌ରେ ଘଣ୍ଟା ପ୍ରତି ୧୦୦ କି.ମି. ବେଗରେ ନେଇପାରେ।




**ଡକ୍ ବୋଟ୍ ବସ୍:** ଏହି ବସ୍ ଦେଖିବାକୁ ବହୁତ ଅଜବ। ସାମ୍ନାଭାଗ ବତକର ଥଣ୍ଟ ପରି, ପୁଣି ତଳଭାଗ କିଛିଟା ଡଙ୍ଗା ପରି ଦେଖିବାକୁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହାକୁ ତିଆରି କରାଯାଇଥିଲା। ଏହି ବସ୍ ଭୂମି ଉପରେ ରାସ୍ତାରେ ଯାଇପାରିବା ସହ ଗଭିର ଜଳ ଉପରେ ଡଙ୍ଗା ପରି ଭାସି ଭାସି ମଧ୍ୟ ଯାଇପାରେ। ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ସୈନିକଙ୍କୁ ସ୍ଥାନାନ୍ତର କରିବା ଲାଗି ଏହାକୁ ବ୍ୟବହାର କରାଯାଉଥିଲା। ଏବେ ଏଥିରେ ଅନେକ କିଛି ପରିବର୍ତ୍ତନ ଆସିଗଲାଣି। ନୂଆ ପଦ୍ଧତିର ବ୍ୟବହାରରେ ଏହା ଅଧିକ କାର୍ଯ୍ୟକ୍ଷମ ହୋଇପାରିଛି। ନ୍ୟୁୟର୍କ, ଲିଭରପୁଲ, ଲଣ୍ଡନ, ବୋଷ୍ଟନ ଭଳି ତଟୀୟ ଅଞ୍ଚଳରେ ଏହାର ବହୁଳ ବ୍ୟବହାର ହେଉଛି। ଏହା ପର୍ଯ୍ୟଟକଙ୍କୁ ଉଭୟ ରାସ୍ତା ଓ ଜଳରେ ଭ୍ରମଣର ଆନନ୍ଦ ଯୋଗାଉଛି।



**ଅପ୍ ସାଇଡ ଡାଉନ୍ ବସ୍:** ଟପ୍ସି ନାମକ ଏହି ବସ୍‌କୁ ଦେଖିଲେ ଯେକେହି ଭାବିବେ ଏହାର ନିର୍ମାତା ନିଶ୍ଚିତଭାବେ ପାଗଳ ହୋଇଥିବେ। କାରଣ ଉକ୍ତ ବସ୍‌ର ଉପରଭାଗ ତଥା ଛାତରେ ଆଉ ଏକ ବସ୍ ଓଲଟା ଥିବା ପରି ଡିଜାଇନ୍ ହୋଇଛି। ଏହା ଏକ ସ୍କୁଲ ବସ୍ ଯାହାର ଛାତ ଉପରେ ଆଉ ଏକ ସ୍କୁଲ ବସ୍‌କୁ ଅଧା କାଟି ଓଲଟା ରଖି ଯୋଡା ଯାଇଛି। ଏହା ୨୪ ଫୁଟ ଲମ୍ବା ଏବଂ ୧୩ ଫୁଟ୍ ଉଚ୍ଚା। ବସ୍‌ଟି ଘଣ୍ଟା ପ୍ରତି ୩୫ ମାଇଲ୍ ଗତି କରିପାରେ।

**କ୍ୟାଟ୍ ବସ୍:** ୧୯୮୮ ମସିହାର ଜାପାନୀ କାର୍ଟୁନ ଚଳଚ୍ଚିତ୍ର 'ମାଇଁ ନେଇବର୍ ଟୋଟୋରୋ'ର 'ନେକୋବାସୁ' ବା 'କ୍ୟାଟ୍ ବସ୍' ଚରିତ୍ରରୁ ପ୍ରେରଣା ପାଇ ଉକ୍ତ ବସ୍ ତିଆରି ହୋଇଛି। ଏହି ବସ୍‌ଟି ଦେଖିବାକୁ ସେହି କାର୍ଟୁନ ବସ୍ ପରି । ଅର୍ଥାତ୍ ଉକ୍ତ ବସ୍ ଏକ ହଳଦୀଆ ରଙ୍ଗର ବିଲେଇ ପରି। ତେଣୁ ବସ୍‌ଟି ଏକ ବଡ଼ ବିଲେଇର ଭ୍ରମ ସୃଷ୍ଟି କରିଥାଏ, ଯାହାର ଲମ୍ବା ଲମ୍ବା କଳା ନିଶ ବି ଅଛି।

**ମିକି ମାଉସ୍ ବସ୍:** ଏହି ରେଟ୍ରୋ ଲୁକ୍ ବସ୍‌ଟି ପ୍ରକୃତରେ ଏକ 'ଡିଜନୀ ରିସର୍ଟ କ୍ରୁଜର୍' ବସ୍ ଅଟେ। ଟୋକିଓରେ ଏହା ଦେଖିବାକୁ ମିଳିଥାଏ। ଏହି ବସ୍‌ର ପଛଭାଗ ଓ ଡାହାଣ ପାର୍ଶ୍ୱରେ ଡିଜ୍‌ନୀ ମାଉସ୍ ଆକାରର ଲୋଗୋ ଦେଖିବାକୁ ମିଳେ।

**କ୍ୟାଟ୍ ଡଗ୍ ବସ୍:** ଡାଲମେସିଆନ୍ ଡଗ୍ ପରି ଦେଖିବାକୁ ଏହି ଧଳା ରଙ୍ଗର ବସ୍ ଉପରେ କଳାରଙ୍ଗର ଦାଗ ଦେଖିବାକୁ ମିଳେ। ପୁରା ପୁରି କ୍ୟୁଟ୍ ଡାଲମେସିଆନ କୁକୁର ପରି ଉକ୍ତ ବସ୍‌ଟି ଚାଇନାରେ ଦେଖିବାକୁ ମିଳେ। ତା'ଛଡା କ୍ୟୁଟ୍ ବିଲେଇ ପରି ଏକ ବସ୍ ବି ଚାଇନାରେ ଦେଖିବାକୁ ମିଳେ। ଏହି ବସ୍ ଦୁଇଟି କ୍ୟାଟ ଡଗ୍ ବସ୍ ଭାବେ ପରିଚିତ।





## ମଡେଲ୍ ମିରର୍

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ତିତିକ୍ଷା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

## ହାଃ ହାଃ

### ପସନ୍ଦ

ମୋନିକା ବୟଫ୍ରେଣ୍ଡ ରାଜାକୁ ମା'ଙ୍କ ସହ ଦେଖା କରାଇବାକୁ ଘରକୁ ଡାକି ନେଇଥାଏ। ପରଦିନ ମୋନିକା ରାଜାକୁ: ଜାଣିଛ, କାଲିର ଦେଖା ପରଠାରୁ ମା' ତୁମକୁ ବହୁତ ପସନ୍ଦ କରୁଛନ୍ତି।
ରାଜା: କ'ଣ ! ସେ ଯାହାବି ହେଉ। ମୁଁ କେବଳ ତୁମକୁ ଭଲପାଏ ଓ ତୁମକୁ ହିଁ ବାହା ହେବି। ତୁମ ମା'ଙ୍କୁ କହିଦିଅ ସେ ମତେ ଭୁଲିଯିବେ।

### ବୟସ

ବିଲେଇ ହାତୀକୁ: ତମର ବୟସ କେତେ ?
ହାତୀ: ୫ ବର୍ଷ।
ବିଲେଇ: ହେଲେ ତମେ ତ ବହୁତ ବଡ଼ ଦେଖାଯାଉଛ।
ହାତୀ: କାହିଁକି ନା ମୁଁ କମ୍ପ୍ଲାନ ବୟ। ତେବେ ତମର ବୟସ କେତେ ?
ବିଲେଇ: ମତେ ୨୦ ବର୍ଷ।
ହାତୀ: ହେଲେ ତମେ ତ ବହୁତ ଛୋଟ ଦେଖାଯାଉଛ।
ବିଲେଇ: ମୁଁ ପରା ସନ୍ତୁର୍ ଗର୍ଲ।

### ହଟ୍

ଟ୍ରେନ୍‌ରେ ଜଣେ ଯୁବକ ଚଢୁଥାନ୍ତି। ଏତିକିବେଳେ ଦ୍ୱାର ପାଖରେ ଏକ ସୁନ୍ଦର ଝିଅକୁ ଦେଖି କହିଲେ: ହଟ୍।
ଯୁବତୀ ଲାଜେଇ ଯାଇ: ଥାଙ୍କ ୟୁ..
ଯୁବକ: ଆରେ ପାଗଳ ମୁଁ କହିଲି ସାମ୍ନାରୁ ହଟ୍।

# ସରିସ୍କା ବ୍ୟାଘ୍ର ଅଭୟାରଣ୍ୟ




**ବାଘମାନଙ୍କୁ ସୁରକ୍ଷା ଯୋଗାଇ ଦେବାପାଇଁ ରାଜସ୍ଥାନର ଅଲୱର ଜିଲାରେ ରହିଛି ଏକ ଅଭୟାରଣ୍ୟ, ଯାହାର ନାଁ ହେଲା ସରିସ୍କା ବ୍ୟାଘ୍ର ଅଭୟାରଣ୍ୟ। କେବଳ ବାଘ ନୁହେଁ, ଏଠାରେ ଅନ୍ୟ କେତେକ ବନ୍ୟପ୍ରାଣୀଙ୍କୁ ବି ପର୍ଯ୍ୟଟକ ଦେଖିପାରିବେ...**


ସରିସ୍କା ବ୍ୟାଘ୍ର ଅଭୟାରଣ୍ୟ ଭାରତର ଏକ ଲୋକପ୍ରିୟ ରାଷ୍ଟ୍ରୀୟ ଉଦ୍ୟାନ ଭାବେ ଜଣାଶୁଣା ; ଯାହା ରାଜସ୍ଥାନର ଅଲୱର ଜିଲାରେ ଅବସ୍ଥିତ। ଦିନେ ଅଲୱରର ଏହି ଅଞ୍ଚଳଟି ଶିକାର ପାଇଁ ବେଶ୍ ଖ୍ୟାତି ଅର୍ଜନ କରିଥିଲା। କିନ୍ତୁ ସରକାରଙ୍କ ତରଫରୁ ପଶୁପକ୍ଷୀ ଶିକାର ଉପରେ ରୋକ୍ ଲଗାଯିବା ପରେ ତଥା ୧୯୫୮ରେ ଏହି ଅଞ୍ଚଳକୁ ଏକ ପ୍ରାଣୀ ସଂରକ୍ଷଣ କେନ୍ଦ୍ର ଭାବେ ଘୋଷଣା କରାଯିବା ପରଠୁ ଏଠାରେ ଶିକାର କରିବା ପୂରା ବନ୍ଦ ହୋଇଗଲା। ତେବେ ୮୮୧ ବର୍ଗ କି.ମି ପରିବ୍ୟାପ୍ତ ଏହି ସଂରକ୍ଷଣ କେନ୍ଦ୍ରଟିରେ ମୁଖ୍ୟତଃ ବାଘମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବା ପାଇଁ ଯୋଜନା କରାଯାଇ ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୭୮ରେ ଏହାକୁ ଏକ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ଭାବେ ଘୋଷଣା କରାଯାଇଥିଲା। ଏବଂ ଶେଷରେ ୧୯୮୨ ମସିହାରେ ଉକ୍ତ ସଂରକ୍ଷଣ କେନ୍ଦ୍ରଟିକୁ ରାଷ୍ଟ୍ରୀୟ ଉଦ୍ୟାନର ମାନ୍ୟତା ମିଳିଥିଲା।

### କ'ଣ ଦେଖିବେ

ଯେହେତୁ ଏହାକୁ ଏକ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ରର ମାନ୍ୟତା ମିଳିଛି, ତେଣୁ ଏଠାରେ ଅନେକ ସଂଖ୍ୟାରେ ବାଘ ଥିବାର ପର୍ଯ୍ୟଟକ ଦେଖିବାକୁ ପାଇବେ। କେବଳ ବାଘ କାହିଁକି ଏଠାରେ ଚିତାବାଘ, ଜଙ୍ଗଲି ବିଲେଇ, ହେଟାବାଘ, ବିଲୁଆ, ଚିତ୍ରା ହରିଣ, ସମ୍ବର, ନୀଳଗାଈ, ଜଙ୍ଗଲୀ ଘୁଷୁରି, ନେଉଳ, ଠେକୁଆ, ନାନା ଜାତିର ମାଙ୍କଡ଼ ଇତ୍ୟାଦି ପଶୁ ତଥା ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥାନ୍ତି। ଏହାଛଡ଼ା ଉକ୍ତ ଅଭୟାରଣ୍ୟ ଭିତରେ ବିଭିନ୍ନ କିସମର ବୃକ୍ଷଲତା ତଥା ଅନେକ ଔଷଧୀୟ ବୃକ୍ଷ ଥିବାର ମଧ୍ୟ ଆଗନ୍ତୁକ ଦେଖିବାକୁ ପାଇପାରିବେ।







### ନିକଟବର୍ତ୍ତୀ ପର୍ଯ୍ୟଟନସ୍ଥଳୀ

ସରିସ୍କା ବ୍ୟାଘ୍ର ଅଭୟାରଣ୍ୟର ନିକଟବର୍ତ୍ତୀ ଅଞ୍ଚଳରେ ମଧ୍ୟ ଏକାଧିକ ପର୍ଯ୍ୟଟନସ୍ଥଳୀ ରହିଛି। ଯେମିତିକି:

***କଙ୍କୱାଡି ଦୁର୍ଗ:** ଏହା ହେଉଛି ଏକ ଐତିହାସିକ ଦୁର୍ଗ ; ଯାହା ଉକ୍ତ ଅଭୟାରଣ୍ୟ ଠାରୁ ଅଳ୍ପ କିଛି ଦୂରରେ ଅବସ୍ଥିତ। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି ଦୁର୍ଗଟିକୁ ଦ୍ୱିତୀୟ ଜୟ ସିଂହ ନିର୍ମାଣ କରାଇଥିଲେ।

***ପଣ୍ଡୁପୋଲ ହନୁମାନ ଜି ମନ୍ଦିର:** ସରିସ୍କା ବ୍ୟାଘ୍ର ଅଭୟାରଣ୍ୟର ଠିକ୍ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏକ ପାହାଡ଼ ଥିବାର ଦେଖାଯାଏ। ଉକ୍ତ ପାହାଡ଼ ଉପରେ ରହିଛି ପ୍ରଭୁ ହନୁମାନଙ୍କର ଏହି ମନ୍ଦିରଟି।

***ସରିସ୍କା ପ୍ୟାଲେସ୍:** ଅଲୱର ରାଜପରିବାରର ଏକ ସ୍ମୃତି ସନ୍ତକ ଭାବେ ଏହି ପ୍ୟାଲେସ୍‌ଟି ଆଜି ବି ସେଠାରେ ବିରାଜମାନ। ଏହାର ଆକର୍ଷଣୀୟ ବାସ୍ତୁକଳା ଏବେ ବି ଆଗନ୍ତୁକଙ୍କୁ ଖୁବ୍ ଆକର୍ଷିତ କରିଥାଏ।


କେବଳ ଏତିକି ନୁହେଁ, ଏଠାରେ ବିରାଟନଗର ନାମରେ ଏକ ଆଧ୍ୟାତ୍ମିକସ୍ଥଳୀ ବି ରହିଛି ; ଯେଉଁଠାରେ କେତୋଟି ବୌଦ୍ଧ ମଠ ଥିବାର ଦେଖିବାକୁ ମିଳିଥାଏ। ସେହିପରି ଏଠାରେ ଥିବା ନୀଳକଣ୍ଠ ମନ୍ଦିରର ସୌନ୍ଦର୍ଯ୍ୟ ତଥା ମହାତ୍ମ୍ୟୀୟତା ଭକ୍ତଗଣଙ୍କୁ ବେଶ୍ ଆକୃଷ୍ଟ କରିଥାଏ।

### କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ଯେ କୌଣସି ସମୟରେ ଏହି ଅଭୟାରଣ୍ୟକୁ ବୁଲିଗଲେ ପର୍ଯ୍ୟଟକ ବୁଲିବାର ଭରପୂର ଆନନ୍ଦ ଉଠାଇପାରିବେ। କାରଣ ବର୍ଷା ଦିନେ ଅଭୟାରଣ୍ୟରେ ଥିବା ପଶୁପକ୍ଷୀଙ୍କୁ ନିକଟରୁ ଦେଖିବା ଏତେଟା ସମ୍ଭବ ହୋଇ ନଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଦିଲ୍ଲୀଠାରୁ ପ୍ରାୟ ୨୦୦ କି.ମି ତଥା ରାଜସ୍ଥାନର ରାଜଧାନୀ ଜୟପୁରଠାରୁ ପ୍ରାୟ ୧୦୭ କି.ମି ଦୂରରେ ଥିବା ଏହି ଅଭୟାରଣ୍ୟ ନିକଟକୁ ଯିବାପାଇଁ ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍‌ର ସୁବିଧା ରହିଛି।










# ରୋବୋ ଛେଳି

ଜାପାନର କାଓସାକି କମ୍ପାନୀ ତିଆରି କରିଛି ପୃଥିବୀର ସବୁଠାରୁ ବଡ଼ ରୋବୋ ଛେଳି, ଯାହା ଉପରେ ବସି ଜଣେ ତାକୁ ଚଳାଇ ପାରିବେ। ୨୦୨୨ର ଅନ୍ତର୍ଜାତୀୟ ରୋବୋ ପ୍ରଦର୍ଶନୀରେ ଏହା ପ୍ରଦର୍ଶିତ ହୋଇଥିଲା। ଏଥିରେ ଅନେକ ଉନ୍ନତଧରଣର ରୋବୋ ପ୍ରଦର୍ଶିତ ହୋଇଥିଲା। ତେବେ ଏହି ରୋବୋ ଛେଳି ସମସ୍ତଙ୍କର ଅଧିକ ଦୃଷ୍ଟି ଆକର୍ଷଣ କରିଥିଲା। ୟୁରେଷିଆ ଓ ଆଫ୍ରିକାରେ ଦେଖାଯାଉଥିବା ଏକ ପ୍ରଜାତିର ବଡ଼ ଜଙ୍ଗଲି ଛେଳି ଆଇବେକ୍ସର ନାମାନୁସାରେ ଏହାର ନାମ 'ବେକ୍ସ' ଦିଆଯାଇଛି। ଏହି ରୋବୋ ଛେଳି ଉପରେ ମଣିଷ ବସି ଯାଇପାରିବେ। ତା' ପିଠିରେ ଭାରି ଜିନିଷ ରଖି ନେଇ ମଧ୍ୟ ହେବ। ବେକ୍ସ ସମତଳ ଭାଗରେ ଭଲରେ ଚାଲିପାରେ। ଆଣ୍ଠୁରେ ଲାଗିଥିବା ଚକ ଏଥିରେ ବହୁତ ସାହାଯ୍ୟ କରେ। ଖାଲ ଢିପ ରାସ୍ତାରେ ଏହା ଧୀରେ ଧୀରେ ଚାଲି ଚାଲି ଯାଇଥାଏ। ହେଲେ ଏଥିରେ ବସିବାର ଏକ ଭିନ୍ନ ମଜା ରହିଛି। ତାସହ ଏହି ରୋବୋରେ ଆହୁରି ଅନେକ ଡେଭଲେପମେଣ୍ଟ ବାକି ରହିଥିବା ଏହାର ନିର୍ମାତାମାନେ କୁହନ୍ତି।



## କାର୍ଟୁନ କର୍ନର



# ବିକାଶର ଜୟଯାତ୍ରା



## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

**ବ**ର୍ଷଯାକ ଜାକିଜୁକି ବସି ଘୁମାଉଥିବା ଲୁଗା କି ଗହଣା ଦୋକାନୀ ଯେମିତି ରଜ, ସାବିତ୍ରୀ, ଦୀପାବଳି, ବାହା ତିଥି ପୂର୍ବରୁ ଝାଡ଼ିଝୁଡ଼ି ହୋଇଉଠନ୍ତି– ଇନ୍‌କମ୍‌ଟ୍ୟାକ୍ସ, ସିବିଆଇ, ଇଡି ଭଳି ବିଭାଗବାଲାଙ୍କ ଚଢ଼ାଉ କିମ୍ବା ନେତାମାନଙ୍କ ଦଳବଦଳ ଖବର ଜୋର ଧରିଲେ ସେମିତି ଜାଣିବେ ଯେ ଦେଶରେ ନିର୍ବାଚନ ସମୟ ପାଖେଇ ଆସିଲାଣି । ଦେଶର ଯାବତୀୟ ସର୍ଭେ କାମ ବେଳେ ଯେମିତି ସରକାରଙ୍କ ପ୍ରାଥମିକ ଶିକ୍ଷକମାନେ ମନେପଡ଼ନ୍ତି ସେମିତି ନର୍ବାଚନ ପାଖେଇ ଆସିଲେ ଏ ଚଢ଼ାଉ ବିଭାଗବାଲାଙ୍କୁ ସବୁ ବିରୋଧୀ ଦୁର୍ନୀତିଗ୍ରସ୍ତଙ୍କ ଭଳି ଦିଶନ୍ତି । ଠିକ୍ ନିର୍ବାଚନ ପୂର୍ବରୁ ତାଙ୍କୁ କେଉଁ ଦେବତାଙ୍କ ଦୈବବାଣୀ ହୁଏ କେଜାଣି ନିର୍ଭୁଲ ଓ ଠିକ୍ ଜାଗାରେ ଚଢ଼ାଉ କରନ୍ତି । ତା'ମାନେ ନୁହେଁ ଯେ ବର୍ଷ ତମାମ କିଛି ଚଢ଼ାଉ ହୁଏନି । ହୁଏ ; ଅବଶ୍ୟ ସେସବୁ ଚାଇନା ବାଣ ଭଳି କେତେବେଳେ ସୁରୁ ସୁରେଇ ଫୁଟିଯାଏ ଜଣାପଡ଼େନି । କିନ୍ତୁ ନିର୍ବାଚନ ପୂର୍ବରୁ ହେଉଥିବା ଚଢାଉରେ ଦେଶ ହଲ୍‌ଚଲ୍ ହୋଇଯାଏ । ଜବତ ପରିମାଣ ଦେଖିଲେ ଆଖି ତରାଟି ହୋଇଯାଏ । ଟିଭି , ଖବରକାଗଜବାଲାଙ୍କ ରାତି ଅନିଦ୍ରା ଖବର ପରିବେଷଣ ଦେଖିଲେ ଲାଗିବ ଯେମିତି ଏହି ଏକମାତ୍ର କଳଙ୍କର ସମାପ୍ତି ପରେ ଦେଶରେ ଏବେ ରାମରାଜ୍ୟ ଆସିବାକୁ ଆଉ ଡେରି ନାହିଁ । ଏହାକୁ ଦେଖି କିଛି ବିରୋଧୀଙ୍କ ମତ ହେଲା ଦେଶର ନେତା ଡିଜିଟାଲ ଭାରତ କଥା କହୁଛନ୍ତି । ପାଠପଢ଼ା, ଦେଣନେଣଠାରୁ ନେଇ ଦେଶର ଯାବତୀୟ କାରବାର ଅନ୍‌ଲାଇନରେ ହେଉଥିବା ବେଳେ ଏପ୍ରକାର ଅଫ୍‌ଲାଇନ ଚଢ଼ାଉ ଆଦୌ ଗ୍ରହଣୀୟ ନୁହେଁ । ଏହା ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ । ଏପରି ଅନ୍ୟାୟ ବିରୋଧରେ ଆନ୍ଦୋଳନ କରିବାର ଅଛି । ପିଲା ପାଠପଢ଼ିବେ ଅନ୍‌ଲାଇନ ପରୀକ୍ଷା କରିବ ଅଫ୍‌ଲାଇନ। କାହିଁକି ? ଲୋକଙ୍କଠାରୁ ଟିକସ ନେବ ଅନ୍‌ଲାଇନ କିନ୍ତୁ ଧରପଗଡ଼ କରିବ ଅଫ୍‌ଲାଇନ। କ'ଣ ପାଇଁ ? ଏ ଜନବିରୋଧୀ କାମକୁ ଆମେ ଦୃଢ଼ ନିନ୍ଦା କରୁଛୁ । ଏ ସରକାର ଶୀଘ୍ର ଇସ୍ତଫା ଦେଇଦେବା ଉଚିତ ।

ଏବେ ସଦ୍ୟ ଦଳବଦଳ କରିଥିବା ଜଣେ ରାଜନୈତିକ ନେତା ଏକ ନିର୍ବାଚନୀ ଭାଷଣରେ କହିଲେ, ଭାଇ ଓ ଭଉଣୀମାନେ ସୁନାର ଭାରତ ଦେଖିଲ, ଇଣ୍ଡିଆ ସାଇନିଂ ବି ଦେଖିଲ, ସ୍ୱଚ୍ଛ ଭାରତ ଦେଖିଲ କିଛି ପରିବର୍ତ୍ତନ ହେଇଛି କି ? କିଛି ହେଇନି କି ଏମାନେ ସେମିତି କିଛି କରିପାରିବେନି । କାରଣ ପରିବର୍ତ୍ତନର ଚିନ୍ତାଧାରା ରଖୁଥିବା ଲୋକ ହିଁ କେବଳ ଦେଶକୁ ପରିବର୍ତ୍ତନ କରିପାରିବ । ଆମ ଦଳରେ ଥିବା ଅଧିକାଂଶ ନେତାଙ୍କ ଦଳ ପରିବର୍ତ୍ତନର ଅଭିଜ୍ଞତା ଅନ୍ୟ ସବୁ ଦଳର ନେତାମାନଙ୍କଠାରୁ ଅଧିକ । ସ୍ୱୟଂ ମୁଁ ଜାତି ଧର୍ମ କର୍ମ ଆଦର୍ଶ ନିର୍ବିଶେଷରେ ରାଜନୈତିକ ଜୀବକାଳ ଭିତରେ ଯେତିକି ଥର ଦଳ ପରିବର୍ତ୍ତନ କରିସାରିଲିଣି ଦେଶର ଆଉ କେଉଁ ନେତାଙ୍କର ସେତିକି ଅଭିଜ୍ଞତା ନ ଥିବ । ବିଜ୍ଞାନ କହୁଛି କେବଳ ଜୀବନ ଥିବା ପ୍ରାଣୀ ହେଲା ପରିର୍ତ୍ତନଶୀଳ । ମଲା ଲୋକ କି ଜଡ଼ ବସ୍ତୁର ପରିବର୍ତ୍ତନ ହୁଏନି । ତେଣୁ ମୋତେ ଭୋଟ ଦେବେ କି ଜଣେ ମୁର୍ଦ୍ଦାରକୁ ଭୋଟ ଦେବେ ସେ ନିଷ୍ପତ୍ତି ଆପଣଙ୍କର । ମୁଁ କଥା ଦେଉଛି ଯଦି ଜିତିଲି ତେବେ ଦେଶ ବଦଳେଇ ଦେବି ନଚେତ ଏ ଦଳ। ଶେଷରେ ଏତିକି କହିବି କଥାରେ ଅଛି ଦେଇଥିଲେ ପାଇ । ଆପଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୋ ରାସ୍ତା ଖୋଲିଦିଅନ୍ତୁ ପ୍ରତିବଦଳରେ ଆପଣମାନଙ୍କ ରୋଜଗାରର ପନ୍ଥା ମୁଁ ପରିଷ୍କାର ଦେଖେଇଦେବି । ଆପଣମାନେ ଆପଣଙ୍କ ବାପ ଅଜା ଚଉଦ ପୁରୁଷରେ କେବେ ଶୁଣିଥିଲେ କି ଜଣେ ପିଅନଙ୍କ ପାଖରୁ କୋଟି କୋଟି ଟଙ୍କା ମିଳିବା ? ଏହା ଯଦି ଆଜି ସମ୍ଭବ ହୋଇଛି ତାହା କେବଳ ଆମ ନେତାଙ୍କ ମାର୍ଗଦର୍ଶନ ଯୋଗୁ । ଯିଏ ସବୁ ବେଳେ କୁହନ୍ତି ଦେଶର ତଳସ୍ତରର ଉନ୍ନତି ହେଲେ ଦେଶର ଉନ୍ନତି ହେବ। ସମସ୍ତଙ୍କ ସହଯୋଗରେ ସମସ୍ତଙ୍କ ବିକାଶ ହେଲା ଆମର ଉଦ୍ଦେଶ୍ୟ । ଯଦି ଅଫିସ୍‌ର ତଳସ୍ତରର ଜଣେ କର୍ମଚାରୀଙ୍କ ଏତେ ଉନ୍ନତି ହୋଇଛି ତେବେ ସେହି ଅନୁପାତରେ ଉପରସ୍ତରରେ ଥିବା ଲୋକମାନଙ୍କ କେଉଁଭଳି ଉନ୍ନତି ହୋଇଥିବ ତାହା ଆପଣମାନେ ଅନ୍ଦାଜ ଲଗାଇପାରନ୍ତି । ବିରୋଧୀ କହୁଛନ୍ତି କାଳେ ବିକାଶ ହୋଇନି । ଆଉ କେତେ ବିକାଶ ସେମାନଙ୍କୁ ଦରକାର ! ସବୁ କ୍ଷେତ୍ରରେ ବିକାଶ ହୋଇଛି। ସବୁଠୁ ଅଧିକ ବିକାଶ ହୋଇଛି ଶିକ୍ଷା କ୍ଷେତ୍ରରେ । ଅ , ଆ ଶିକ୍ଷା କରି ନ ଥିବା ଲୋକ ଶିକ୍ଷାମନ୍ତ୍ରୀ, ମାଟ୍ରିକ ଛଅ ଥରରେ ପାସ୍ କରିଥିବା ଲୋକ କଲେଜ ପ୍ରିନ୍ସିପାଲ , ନବମ ଶ୍ରେଣୀ ଦେଖି ନ ଥିବା ଲୋକ ଦି' ଦିଟା ଇଂଲିଶ ମାଧ୍ୟମ ସ୍କୁଲର ମାଲିକ ହେବା କ'ଣ ସୂଚେଇ ଦେଉନି ଯେ ବିଶ୍ୱର ଯେକୌଣସି ଦେଶର ଶିକ୍ଷା କ୍ଷେତ୍ରରେ ହେଉଥିବା ବିକାଶଠାରୁ ଆମ ଦେଶରେ ହେଉଥିବା ବିକାଶ କେତେ କ୍ଷିପ୍ର ଓ ଉନ୍ନତମାନର ? ଏହି ଭଳି ଆମ ଦେଶର ସବୁ ବିଭାଗରେ ହେଉଥିବା ଅତି ଉନ୍ନତମାନର ତୀବ୍ର ବିକାଶକୁ ଆଜି ବିଶ୍ୱର ବଡ଼ ବଡ଼ ଦେଶ ହାତଯୋଡି ନମସ୍କାର କରୁଛନ୍ତି । ଏତେ ସବୁ ପ୍ରତିକୂଳ ପରିସ୍ଥିତି ଥାଇବି ଆଜି ଆମ ଦେଶ ବିକାଶ କ୍ଷେତ୍ରରେ ବିଶ୍ୱଗୁରୁ ହୋଇପାରିଛି, ତାହା ବିଶ୍ୱବାସୀଙ୍କୁ ଚକିତ କରିଛି । ଖାସ୍ ସେଇଥିପାଇଁ ଆଜି ୟୁନେସ୍କୋ ସଂସ୍ଥା ଦେଶର ସବୁ ନେତାଙ୍କୁ ବିଶ୍ୱର ଶ୍ରେଷ୍ଠ ନେତାର ମାନପତ୍ର ଦେଇଛି । ଶେଷରେ ଏତିକି କହି ମୋ ବକ୍ତବ୍ୟ ଶେଷ କରିବି, ମୋତେ ଭୋଟ ଦେଇ ମୋ ବିକାଶ କଥା ଚିନ୍ତା କଲେ ମୁଁ ଆପଣମାନଙ୍କ ବିକାଶ କଥା ଚିନ୍ତା କରିବି । ମୋର ବିଶ୍ୱାସ ଆପଣମାନେ ମୋ କଥାକୁ ହୃଦୟଙ୍ଗମ କରି ଦେଶର ବିକାଶର ଧାରାକୁ ଆଗେଇନେବାକୁ ମୋତେ ଅଧିକରୁ ଅଧିକ ମାତ୍ରାରେ ଭୋଟ ଦେଇ ଜୟଯୁକ୍ତ କରାଇବେ । ଜୟ ହିନ୍ଦ୍ । ଭାରତ ମାତାକୀ ଜୟ ।




*–ବନମାଳୀ ଭବନ, ଖାନନଗର, କଟକ*
*ମୋ– ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### କିମାଶ୍ଚର୍ଯ୍ୟମ୍

**ଲେଖକ–ପରଂବ୍ରହ୍ମ ତ୍ରିପାଠୀ**
**ପ୍ରକାଶକ–ବର୍ଷା ପବ୍ଲିକେଶନ୍ , ଭୁବନେଶ୍ୱର, ମୂଲ୍ୟ–୧୫୦ଟଙ୍କା**

**କି**ମାଶ୍ଚର୍ଯ୍ୟମ୍ ପରଂବ୍ରହ୍ମ ତ୍ରିପାଠୀଙ୍କ ପ୍ରବନ୍ଧ ସଂକଳନ। ଏଥିରେ ୨୭ଟି ପ୍ରବନ୍ଧ ସ୍ଥାନ ପାଇଛି। ପ୍ରବନ୍ଧଗୁଡିକ ଛୋଟ ହେଲେ ମଧ୍ୟ ସେଗୁଡିକ ଚିନ୍ତା ଚେତନାକୁ ଉଦ୍‌ବୁଦ୍ଧ କରୁଛି। ଲେଖା ଯେତିକି ଚିନ୍ତାଶୀଳ ସେତିକି ରାଜନୈତିକ, ସାମାଜିକ ଚିତ୍ର ବହନ କରେ। କେମିତି ସବୁଥିରେ ପ୍ରିୟାପ୍ରିତି ତେଷଣ ଚାଲିଛି ଲେଖକ ତାକୁ ବିଡମ୍ବନା ବୋଲି ବିଚାର କରୁଛନ୍ତି। ସେହିପରି କେମିତି ଥିବ ୨୦୭୦ ର ପୃଥିବୀ । ମାଟି ଆଉ ମା' ହୋଇ ନ ଥିବ । ସାର, କୀଟନାଶକ ପିଇ ପିଇ ମଣିଷ ପାଲଟି ଯିବ ବିଷସ୍ତନା ପୂତନା । ପାଣିରେ ବିଷ ଓ ପବନରେ ଜହର ଭରି ରହିଛି। ମଣିଷ ଶେଷରେ ପାଲଟି ଯିବ ବିଷ ମଣିଷ । ବାୟୁ ମଣ୍ଡଳ ମଧ୍ୟ ବିଷ ବଳୟରେ ଭରିଯିବ। ଏ ଯେଉଁ ଚିନ୍ତା ନେଇ ଲେଖକ ପ୍ରବନ୍ଧଗୁଡିକର ପରିକଳ୍ପନା କରିଛନ୍ତି ତାହା ବାସ୍ତବରେ ଶିକ୍ଷଣୀୟ ଏବଂ ଆମ ପାଇଁ ଏବଂ ଭବିଷ୍ୟତ ପିଢି ଲାଗି ଏକ ଉଦାହରଣ ନିଶ୍ଚୟ। ଏଭଳି ଆହୁରି ଅନେକ ପ୍ରବନ୍ଧ ରହିଛି ଯାହାକୁ ମଧ୍ୟ ପଢିଲେ ଆମେ ବୁଝି ପାରିବା। ପୁସ୍ତକଟି ନିଶ୍ଚୟ ଆଦୃତ ହେବ ।




### କଥା ତରଙ୍ଗରେ ଶ୍ରୀ ଜଗନ୍ନାଥ

**ସଂକଳନ ଓ ସମ୍ପାଦନା–ପୀତବାସ ରାଉତରାୟ**
**ପ୍ରକାଶକ–ଜଗନ୍ନାଥ ରଥ, ପୁସ୍ତକ ପ୍ରକାଶକ ଓ ବିକ୍ରେତା, କଟକ**
**ମୂଲ୍ୟ–୩୫୦ଟଙ୍କା**


କଥା ତରଙ୍ଗରେ ଶ୍ରୀ ଜଗନ୍ନାଥ ପୁସ୍ତକର ସଂକଳକ ଓ ସମ୍ପାଦନା କରିଛନ୍ତି ପୀତବାସ ରାଉତରାୟ। ଏଥିରେ ସ୍ଥାନୀତ ଲେଖାଗୁଡିକ ୫ ଭାଗରେ ବିଭକ୍ତ। ପ୍ରଥମେ ଚିଠିରେ ଚିଠିରେ, ଇତିହାସ ପୃଠାରୁ, ଗଳ୍ପ ଗଳ୍ପ ଗଳ୍ପ, ଅନୁବାଦ ଓ ଶେଷରେ ସଂକଳକ ରାଉତରାୟଙ୍କ ବ୍ୟଙ୍ଗ ଗଳ୍ପ ସ୍ଥାନୀତ। ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ର କରି ଏହା ହେଉଛି ରାଉତରାୟଙ୍କର ୯ମ ସଂକଳନ । ଏଥିରେ ଅନେକ ଉପାଦେୟ ଲେଖା ସ୍ଥାନୀତ ହୋଇଛି। ଏଥିରେ ଡ.ହରେକୃଷ୍ଣ ମହତାବ, ସୁରେନ୍ଦ୍ର ମହାନ୍ତି, ଅନନ୍ତ ପ୍ରସାଦ ପଣ୍ଡା, ରାଜେଶ୍ୱରୀ ଦଳବେହେରା, ବିଜୟ ପ୍ରସାଦ ମହାପାତ୍ର ଓ ଗୁରୁପ୍ରସାଦ ମହାନ୍ତି ଆଦିଙ୍କ ଲେଖା ପ୍ରକାଶ ପାଇଛି। ପ୍ରଥମେ ଡ. ମହତାବ ଜଗନ୍ନାଥଙ୍କୁ ଯେଉଁ ଚିଠି ଲେଖିଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସଂକଳନଟି ଅନନ୍ତକାଳ ପର୍ଯ୍ୟନ୍ତ ଆଦୃତ ହେବ ଏଥିରେ ସନ୍ଦେହ ନାହିଁ।



### ପ୍ରତିଭାଦୀପ୍ତ ପଞ୍ଚସଖା

**ଲେଖକ–ଡ.ଭି.ରାଜେନ୍ଦ୍ର ରାଜୁ**
**ପ୍ରକାଶକ–ପ୍ରଭାତ ବୁକ୍ ଷ୍ଟୋର, ବ୍ରହ୍ମପୁର**
**ମୂଲ୍ୟ–୩୦୦ଟଙ୍କା**

ପ୍ରତିଭାଦୀପ୍ତ ପଞ୍ଚସଖା ପୁସ୍ତକର ଲେଖକ ଡକ୍ଟର ଭି.ରାଜେନ୍ଦ୍ର ରାଜୁ । ଏଥିରେ ୭ଟି ବିଷୟ ରହିଛି। ପ୍ରଥମେ ପଞ୍ଚସଖା ସାହିତ୍ୟର ପୃଷ୍ଠଭୂମି ଥିବା ବେଳେ ଶେଷରେ ଉପସଂହାର ରହିଛି। ପଞ୍ଚସଖା ଯୁଗ ହେଉଛି ଓଡ଼ିଆ ସାହିତ୍ୟର ସୁବର୍ଣ୍ଣ ଯୁଗ। ପଞ୍ଚସଖା ଗଣ ନିଜ ଜ୍ଞାନ ମିଶା ଭକ୍ତି ବଳରେ ଯେଉଁ ସନାତନ ଧର୍ମ ସାହିତ୍ୟ ସୃଷ୍ଟି କରିଗଲେ ତାହା ଚିର ସ୍ମରଣୀୟ। ସୃଷ୍ଟିର ରହସ୍ୟ, ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଓ ଆଗତ ଭବିଷ୍ୟତ ଜାଣିବାର ଯେଉଁ ଅଦମ୍ୟ ଜିଜ୍ଞାସା ସେମାନଙ୍କ ନିକଟରେ ଥିଲା ତାହାକୁ ସେମାନେ ରସସିକ୍ତ କରିଥିଲେ କୋଟି କୋଟି ଓଡ଼ିଆଙ୍କ ହୃଦୟରେ । ଶରୀର ଯେପରି ପଞ୍ଚ ଇନ୍ଦ୍ରିୟ ମାଧ୍ୟମରେ ଦେହର କ୍ଷୁଧା ପ୍ରଶମିତ କରିଥାଏ ଠିକ୍ ସେହିପରି ସେମାନଙ୍କ ସାହିତ୍ୟ କୃତି ଆତ୍ମାର କ୍ଷୁଧାକୁ ମେଣ୍ଟାଇବାରେ ସହାୟକ ହୋଇଥାଏ। ଲେଖକଙ୍କର ଏ ଯେଉଁ ପରିକଳ୍ପନା ତାହା ନିଶ୍ଚୟ ପାଠକଙ୍କୁ ବାନ୍ଧି ରଖିବ, ଏଥିରେ ସନ୍ଦେହର ଅବକାଶ ନାହିଁ।



# ଝାଡୁ ଡାନ୍ସ



ଘର, ବାହାର ସଫା କରିବା ଲାଗି ଝାଡୁର ଆବଶ୍ୟକତା ରହିଛି। ପ୍ରାୟ ସବୁ ମହିଳା ଝାଡୁ ଧରି କାମ କରିଥାନ୍ତି। ଭଲ ଲାଗୁ କି ନ ଲାଗୁ ଅନେକେ ଏହାକୁ କରିବାକୁ ବାଧ ବି ହୁଅନ୍ତି। ତେବେ ଯଦି ଏହି କାମକୁ ମଜାଦାର କରିବାକୁ ଚାହାନ୍ତି ମ୍ୟୁଜିକ ଲଗାଇ ନାଚି ନାଚି ମଧ୍ୟ କରିପାରିବେ। ଦେଖିବେ ଏହି କାମ ବେଶ୍ ମଜାଦାର ହୋଇଯିବ। ତେବେ ଜାଣନ୍ତି କି ଏଇ ଝାଡୁ ଡ୍ୟାନ୍ସକୁ ନେଇ ଏକ ରେକର୍ଡ ବି ରହିଛି। ସୁରତରେ ୭୩୭ ଜଣ ମହିଳା ଝାଡୁ ଧରି ଏକା ସାଙ୍ଗରେ ନୃତ୍ୟ କରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ପୃଥିବୀର ସବୁଠାରୁ ବଡ଼ ବ୍ରୁମ ଡାନ୍ସର ମାନ୍ୟତା ପାଇଛନ୍ତି। ଉକ୍ତ ସମୁହ ଝାଡୁ ନୃତ୍ୟକୁ ଏସ୍‌ୟୁଭି ଇଣ୍ଟରନ୍ୟାଶନାଲ ସ୍କୁଲ, ଉମା ଏଜୁକେସନ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ନର୍ମତା ପୋକର ଭୟାନି ଓ ଜିଗର ପଟେଲଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା। ଏକା ସାଙ୍ଗରେ ଏତେଜଣ ମହିଳା ଏକାସାଙ୍ଗରେ ଝାଡୁ ଧରି ନୃତ୍ୟ କରିବାର ଦୃଶ୍ୟ ବେଶ୍ ନିଆରା ଥିଲା।

ବ୍ୟାକ୍ ପେଜ୍

# ବିଲେଇ ପାଇଁ ସ୍ଲିପର୍ସ





ବିଲେଇକୁ ପେଟ୍‌ଭାବେ ରଖୁଥିବା ଲୋକଙ୍କ ଘରେ ବିଲେଇର ଲୋମ ଏଣେ ତେଣେ ପଡିଥାଏ। ଯେତେ ସଫା କଲେ ବି କେଉଁଠି ନା କେଉଁଠି ଏହା ରହିଯାଏ। ଅନେକ ସମୟରେ ବିଲେଇ ଲୋମ ସଫା କରିବା ଚିନ୍ତା ବଢାଇଦିଏ। ତେବେ ଜାପାନର ଜଣେ ମହିଳା ଯେକି ଏକ ବିଲେଇକୁ ପେଟ୍‌ଭାବେ ରଖିଛନ୍ତି ସେ କିନ୍ତୁ ତାଙ୍କ ବିଲେଇର ଝଡୁଥିବା ଲୋମ ପାଇଁ ଚିନ୍ତିତ ନୁହନ୍ତି। କାରଣ ସେ ଏସବୁକୁ ସଂଗ୍ରହ କରି ସେଥିରେ ନିଜ ପୋଷା ବିଲେଇ ମିନିରା ପାଇଁ ତିଆରି କରିଛନ୍ତି କୁନି କୁନି ସ୍ଲିପର୍ସ ବା ଚପଲ। ଯାହାକି ଦେଖିବାକୁ ବହୁତ ସୁନ୍ଦର ଲାଗେ। ଆଉ ବିଲେଇ ମିନିରା ପାଦକୁ ବି ଏହା ଭଲ ମାନେ। ଏହାକୁ ତିଆରି କରିବା ପାଇଁ ମିନିରାଙ୍କ ମାଲିକାଣୀ ମିନିରାର ଲୋମ ସଂଗ୍ରହ କରି କପଡା ବ୍ୟାଗରେ ରଖୁଥିଲେ। ଯେତେବେଳେ ଏହା ୧ ଆଉନ୍ସ ବା ୨୮ ଗ୍ରାମର ହୋଇଗଲା, ସେତେବେଳେ ସେ ସେହି ଲୋମକୁ ଗରମ ପାଣି ଓ ଶାମ୍ପୁରେ ଭଲଭାବେ ଧୋଇ ସୁଖାଇଥିଲେ। ପରେ ଏଥିରେ ସେ ମିନିରା ପାଇଁ ଚପଲ ତିଆରି କରିଥିଲେ। ଏହି ଚପଲର ଫଟୋ ସୋସିଆଲ ମିଡିଆରେ ବହୁତ ଭାଇରାଲ ହୋଇଛି। ଲୋକେ ଏହାକୁ ବହୁତ ପସନ୍ଦ କରୁଛନ୍ତି।









# ୬୧୦ କି.ଗ୍ରା.ରୁ ୬୩ କି.ଗ୍ରା.

ମେଦବହୁଳତା ଅନେକ ରୋଗକୁ ଡାକି ଆଣିଥାଏ। ଚଲାବୁଲା କରି ହୁଏନା। ସାଧାରଣଭାବେ ଜିଇ ହୁଏନା। ଜୀବନ ଦୁର୍ବିସହ ହୋଇଯାଏ। ଏମିତି ଅନେକ ମୋଟା ଲୋକଙ୍କୁ ଆପଣମାନେ ଦେଖିଥିବେ। ହେଲେ ସାଉଦୀର ଜରଜାନ ସହରରେ ରହୁଥିବା ଖାଲିଦ ମୋହସିନ ଅଲ ଶାୟରୀଙ୍କ ପରି ମୋଟା ଲୋକ ଦେଖି ନ ଥିବେ। ମାତ୍ର ୧୭ ବର୍ଷ ବୟସରେ ତାଙ୍କ ଶରୀରର ଓଜନ ୬୦୯ କି.ଗ୍ରା ଥିଲା। ଏତେ ମୋଟା ହୋଇଥିବାରୁ ସେ ଚଲାବୁଲା କରିପାରୁ ନ ଥିଲେ। ବହୁତ ଅସୁସ୍ଥ ରହୁଥିଲେ। ୨୦୧୩ରେ ଯେବେ ତାଙ୍କ ଦେହ ଅତ୍ୟଧିକ ଖରାପ ହେଲା ଡାକ୍ତରଖାନା ନେବା ଲାଗି ଦ୍ୱିତୀୟ ମହଲାରୁ ତଳ ମହଲାକୁ ଶିଡ ଦେଇ ଆଣିବା ସମ୍ଭବ ହୋଇ ନ ଥିଲା। ତେଣୁ କାନ୍ଥ ଭାଙ୍ଗି କ୍ରେନ ସାହାଯ୍ୟରେ ତାଙ୍କୁ ଟେକି ବାହାରକୁ ଅଣାଯାଇଥିଲା। ଆଉ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର କହିଥିଲେ ଶରୀରର ଅତ୍ୟଧିକ ଓଜନ ତାଙ୍କ ଜୀବନ ପାଇଁ ବିପଜ୍ଜନକ। ମେଡିକାଲ ପହଞ୍ଚିବାବେଳେ ତାଙ୍କ ଓଜନ ୬୧୦ କିଗ୍ରା. ଥିଲା। ସେତେବେଳେ ସେ ପୃଥିବୀର ସବୁଠାରୁ ମୋଟା କିଶୋର ଭାବେ ପରିଚିତ ହେଉଥିଲେ। ତେଣୁ ଡାକ୍ତର ତାଙ୍କ ଓଜନ କମାଇବାକୁ ଅନେକ ଚେଷ୍ଟା କଲେ। ତାଙ୍କୁ ଷ୍ଟ୍ରିକ୍ଟ ଡାଏଟ୍‌ରେ ରଖିବା ସହ ଖୁବ୍ ବ୍ୟାୟାମ କରାଇଥିଲେ। ଆଉ ୬ ମାସ ଭିତରେ ଖାଲିଦ ମୋହସିନଙ୍କର ଓଜନ କମି ୬୩ କି.ଗ୍ରାକୁ ପହଞ୍ଚିଗଲା। ତାଙ୍କ ଶରୀରର ଏଭଳି ପରିବର୍ତ୍ତନ ଲାଗି ତାଙ୍କୁ ଚିହ୍ନିବା କଷ୍ଟକର ହୋଇଗଲା। କାରଣ ପୂର୍ବର ଓ ଏବେକାର ଶରୀରରେ ଆକାଶ ପାତାଳର ଫରକ ଥିଲା।